CMYK

- Vol.- 46, Issue No. 157
- Sunday, 06 September 2026
- ରବିବାର, ୦୬ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ନେପାଳ ଜଳପ୍ରଳୟ

# ମୃତ୍ୟୁ ପଞ୍ଝାରୁ ଜିତିଲା ଜୀବନ

### ■ କାଦୁଅ ଭିତରୁ ୬୪ ବର୍ଷୀୟ ମହିଳା ଓ ସୁଡ଼ଙ୍ଗରୁ ଉଦ୍ଧାର ହେଲେ ଚୀନ ଶ୍ରମିକ





କାଠମାଣ୍ଡୁ, ୫।୯: ସବୁବେଳେ ମୃତ୍ୟୁ ଜିତି ପାରେ ନାହିଁ। ଜୀବନ-ମୃତ୍ୟୁର ସଂଘର୍ଷ ମଧ୍ୟରେ ବେଳେ ବେଳେ ଜିତେ ଜୀବନ। ଯେବେ ଜିତେ ସେତେବେଳେ ତାହା ଚମତ୍କାରୀ ଘଟଣା ପାଲଟେ। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀ କରିଡର ପାର୍ଶ୍ୱରେ ଭୟଙ୍କର ବନ୍ୟା ଆସିବାର ୧୧ ଦିନରେ ଶନିବାର ଦୁଇଟି ପୃଥକ୍ ପ୍ରଭାବିତ ସ୍ଥାନରୁ ଜଣେ ନେପାଳୀ ମହିଳା ଏବଂ ଜଣେ ଚୀନ୍ ନାଗରିକଙ୍କୁ ଜୀବିତ ଉଦ୍ଧାର କରାଯାଇଛି, ଏହି ଘଟଣା ଉଦ୍ଧାରକାରୀଙ୍କ ମଧ୍ୟରେ ନୂଆ ଆଶାର କିରଣ ସୃଷ୍ଟି କରିଛି। ସ୍ଥାନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନୂଆକୋଟ ଜିଲ୍ଲାର ବନ୍ୟା ପ୍ରଭାବିତ ବେତ୍ରାବତୀ ବଜାରରେ ଆନନ୍ଦ ଶ୍ରେଷ୍ଠଙ୍କ ଘରୁ ଜଣେ ୬୪ ବର୍ଷୀୟା ମହିଳା ଚନ୍ଦ୍ରିକା ଶ୍ରେଷ୍ଠାଙ୍କୁ ଉଦ୍ଧାର କରାଯାଇଛି। ନୂଆକୋଟର ବିଦୁର ମ୍ୟୁନିସିପାଲିଟି-୧୦ର ବାସିନ୍ଦା ଶ୍ରେଷ୍ଠାଙ୍କୁ ଇନ୍ସପେକ୍ଟର ସୁମନ ବିକ୍‌ଙ୍କ ନେତୃତ୍ୱରେ ନେପାଳର ସଶସ୍ତ୍ର ପୋଲିସ ବାହିନୀର ଏକ ଦଳ ଉଦ୍ଧାର କରିଛି। ସେ ଅଚେତ ଅବସ୍ଥାରେ ଏକ ପରିତ୍ୟକ୍ତ ଘରେ କାଦୁଅ ଭିତରେ ପଡ଼ିଥିଲେ। ଉଦ୍ଧାର ପରେ, ତାଙ୍କୁ ହେଲିକପ୍ଟର ଯୋଗେ ତ୍ରିଶୂଳୀରେ ଥିବା ନେପାଳୀ ସେନାର ମୈଥିଳୀ ବାରାକକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ, ତାଙ୍କୁ ଅଧିକ ଚିକିତ୍ସା ପାଇଁ କାଠମାଣ୍ଡୁ ନିଆଯାଇଥିବା ସୂଚନା ମିଳିଛି। ସେହିପରି ରସୁୱା ଜିଲ୍ଲାର ବନ୍ୟା ପ୍ରଭାବିତ ୨୧୬-ମେଗାୱାଟ ଉପର ତ୍ରିଶୁଳୀ-୧ ଜଳବିଦ୍ୟୁତ୍ ପ୍ରକଳ୍ପର ଏକ ସୁଡ଼ଙ୍ଗରୁ ଜଣେ ଚୀନ୍ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ନେପାଳୀ ସେନା, ଦକ୍ଷିଣ କୋରିଆର ଏକ ବିପର୍ଯ୍ୟୟ ବିଶେଷଜ୍ଞ ଦଳ ସହିତ ସମନ୍ୱୟ ରଖି, ପ୍ରକଳ୍ପର ସୁଡ଼ଙ୍ଗର ଅଡିଟ୍ ୪ ରୁ ଚୀନ୍ ନାଗରିକଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ନୁୱାକୋଟ ତ୍ରିଶୁଳିର ମୈଥିଲି ବାରାକକୁ ନିଆଯାଇଥିଲା। ବନ୍ୟାର କାଦୁଅ ତଳେ ଦୁର୍ଗତଙ୍କୁ ଖୋଜିବା ପ୍ରୟାସ ଏବେ ବି ଜାରି ରହିଛି। ନିକଟରେ ୨ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୩ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ହଜାରରୁ ଅଧିକ ନିଖୋଜ ଅଛନ୍ତି।

# ଶିକ୍ଷକ ସଂଘ ଆନ୍ଦୋଳନ ସ୍ଥଗିତ

### ଦାବି ପୂରଣ ପାଇଁ ସରକାରଙ୍କୁ ୧୫ ଦିନର ମହଲତ



ଭୁବନେଶ୍ୱର, ୫।୯ : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଲୋୟର ପିଏମଜିରେ ୨୧ ଦିନ ଧରି ଆନ୍ଦୋଳନ ଚାଲିଥିଲା। ଶନିବାର ସଂଧ୍ୟାରେ ୮ଟି ସଂଘର ବୈଠକ ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସରକାରଙ୍କୁ ସମିତି ପକ୍ଷରୁ ୧୫ ଦିନର ମହଲତ ଦିଆଯାଇଛି ଓ ଏହି ଅବଧି ମଧ୍ୟରେ ଦାବି ପୂରଣ କରିବାକୁ ସରକାରଙ୍କଠାରେ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ ଆନ୍ଦୋଳନରତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟାର ଖୁବ କମ୍ ସମୟରେ ସମାଧାନ ହେବ । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁ ଦିବସ ଅବସରରେ ଧାରଣା ସ୍ଥଳରେ ପହଞ୍ଚି ପୂର୍ବରୁ ଏହି ଆଶ୍ୱାସନା ଦେଇଥିଲେ। ମନ୍ତ୍ରୀ ସୂରଜ ସୂଚନା ଦେଇ କହିଛନ୍ତି ଯେ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କିତ ପ୍ରାୟ ୮୦୦ ପୃଷ୍ଠାର ୭୯ଟି ରିପୋର୍ଟ ସରକାରଙ୍କ ପାଖରେ ପହଞ୍ଚିଛି। ଏନେଇ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇ ସାରିଛି। ସରକାର ଏହି ରିପୋର୍ଟଗୁଡ଼ିକୁ ବିଧିବଦ୍ଧ ଭାବେ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ଏକ ସକାରାତ୍ମକ ନିଷ୍ପତ୍ତି ନେବେ। ମନ୍ତ୍ରୀ ସୂରଜଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଉପସ୍ଥିତ ଥିଲେ।

### ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# 'ସାଧାରଣ ଲୋକଙ୍କ ସହ ସଂପର୍କ ରକ୍ଷା କର'



କଟକ, ୫।୯ : କଟକର ବାରବାଟୀ ଦୁର୍ଗ ପରିସରରେ ବିଜେପିର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ଶନିବାର ଉଦ୍‌ଘାଟନ କରିଛନ୍ତି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। ଦଳର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କୁ ସାଂଗଠନିକ ପାଠ ପଢ଼ାଇଛନ୍ତି ଶ୍ରୀ ବଂଶଲ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସହିତ ସମବାୟ ନିର୍ବାଚନକୁ ମଧ ବିଶେଷ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ବୋର୍ଡ ନିଗମ ଭଳି ସରକାରୀ ପଦପଦବୀରେ ନିଯୁକ୍ତି ପ୍ରସଙ୍ଗ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିଷ୍ପତ୍ତି ହୋଇଥିବାରୁ ବ୍ୟକ୍ତିଗତ ଆଶା-ଆକାଂକ୍ଷା ନ ରଖି ଦଳୀୟ ସଂଗଠନ ପାଇଁ କାମ କରିବାକୁ ସେ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହିତ ମନ୍ତ୍ରୀ ଓ ବିଧାୟକମାନେ କାର୍ଯ୍ୟକର୍ତ୍ତାଙ୍କ ସହ ଏବଂ କାର୍ଯ୍ୟକର୍ତ୍ତାମାନେ ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସହ ସଂପର୍କ ରକ୍ଷା କରିବାକୁ ସେ 'ଟାସ୍କ' ଦେଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ବଂଶଲ ଓଡ଼ିଶା ବିଜେପିର ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରବିବାର ଉଦ୍‌ଯାପନୀ ଅଧିବେଶନରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସଂଗଠନ ବିଏଲ୍. ସନ୍ତୋଷ ଯୋଗଦେଇ ସାଂଗଠନିକ ମନ୍ତ୍ର ଦେବେ ବୋଲି ସୂଚନା ମିଳିଛି।

### ୩ ବୁଝାମଣା ପତ୍ର ହେଲା ସ୍ୱାକ୍ଷରିତ

# ଏଆଇ ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୫।୯ (ନିପ୍ର): ଉଚ୍ଚଶିକ୍ଷା ବିଭାଗ ଏବଂ ସିଏସଆର ବକ୍ସ, ନନ୍ଦୀ ଫାଉଣ୍ଡେସନ ଏବଂ ଓକେସିଏଲ ଆଦି ଅନୁଷ୍ଠାନ ମଧ୍ୟରେ ୩ଟି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି। ଏଥିସହ ନାସକମ୍ ସହାଭାଗିତାରେ 'ଏଆଇ କୋର୍ସ ଫର୍ ଅଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୪୦ଜଣ ଅଧ୍ୟାପକଙ୍କୁ ଇଡିଆଇଆଇ, ଅହମଦାବାଦ ଅନୁଷ୍ଠାନକୁ ଏକ୍ସପୋଜର ଭିଜିଟ୍ ପାଇଁ ପଠାଇବା, ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କର କାର୍ଯ୍ୟ ଦକ୍ଷତା ପାଇଁ 'ଆକାଡେମିକ୍ ପରଫରମାନ୍ସ ଆସେସମେଣ୍ଟ ପୋର୍ଟାଲ' ଏବଂ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପରୀକ୍ଷାମାନଙ୍କରେ ପ୍ରଶ୍ନପତ୍ରର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ପ୍ରଶ୍ନବ୍ୟାଙ୍କ ପୋର୍ଟାଲ'ର ଶୁଭାରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମ୍ ଟେନିସ ସେଣ୍ଟର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଉଚ୍ଚଶିକ୍ଷା ବିଭାଗ ଓ ଆଇବିଏମ୍-ସିଏସଆର ବକ୍ସ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କର ଦକ୍ଷତା ବିକାଶ କରାଯିବ। କଳା, ବିଜ୍ଞାନ ଓ ବାଣିଜ୍ୟ ଷ୍ଟ୍ରିମ୍‌ର ଛାତ୍ରଛାତ୍ରୀମାନଙ୍କୁ ଏହା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡିଜିଟାଲ ସାକ୍ଷରତା, ଏଣ୍ଟରପ୍ରାଇଜ ଡିଜାଇନ ଥିଙ୍କିଙ୍ଗ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଆଦି ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ କୋର୍ସ, ବିଭିନ୍ନ କର୍ମଶାଳା ଏବଂ ପ୍ରୋଜେକ୍ଟ ଲର୍ନିଙ୍ଗ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ଡ୍ରେନେଜ୍ ଡିଭିଜନ୍ ଏଇଇଙ୍କ ଠାରୁ ୩.୧୫ ଲକ୍ଷ ଜବତ

### ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି

କେନ୍ଦ୍ରାପଡ଼ା, ୫।୯ (ନିପ୍ର): କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଅନୁପମା ସାହୁଙ୍କ ଠାରୁ ୩ ଲକ୍ଷ ୧୫ ହଜାର ଟଙ୍କା ସନ୍ଦେହଜନକ ନଗଦ ଅର୍ଥ ଜବତ କରିଛି ଓଡ଼ିଶା ଭିଜିଲାନ୍ସ। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଠିକାଦାରମାନଙ୍କ ବକେୟା ବିଲ୍ ପାସ୍ କରିବା ନେଇ ଲାଞ୍ଚ ଆଦାୟ ସମ୍ପର୍କରେ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା। ଏହାକୁ ଆଧାର କରି ଭିଜିଲାନ୍ସର ଏକ ଟିମ୍ ମାର୍ଶାଘାଇ ଛକ ନିକଟରେ ତାଙ୍କୁ ଅଟକାଇଥିଲା। ଅନୁପମା ସାହୁ ନିଜ କାର୍ଯ୍ୟାଳୟରୁ କେନ୍ଦ୍ରାପଡ଼ା ନୟନବିହାରସ୍ଥିତ ବାସଭବନକୁ ଅଫିସ୍ ଗାଡ଼ି ନମ୍ବର ଓଡ଼ି-୨୯-ଏସ୍-୬୬୪୪ ଯୋଗେ ଯାଉଥିବା ବେଳେ ମାର୍ଶାଘାଇ କ୍ରସିଂ, ଏନଏଚ୍-୫୩ଏ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ତାଙ୍କ ନିକଟରୁ ୩ ଲକ୍ଷ ୧୫ ହଜାର ଟଙ୍କା ନଗଦ ମିଳିଥିଲା। ଏତେ ପରିମାଣର ନଗଦ ଟଙ୍କାର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ଭାବେ ସ୍ପଷ୍ଟୀକରଣ ଦେଇପାରିନଥିବାରୁ ଭିଜିଲାନ୍ସ ପକ୍ଷରୁ ନଗଦ ଟଙ୍କା ସହ ଅଫିସ ଗାଡ଼ିକୁ ଜବତ କରାଯାଇଛି। ଏହାପରେ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ତଦନ୍ତ ପାଇଁ ତାଙ୍କ କାର୍ଯ୍ୟାଳୟ ଓ ନୟନବିହାରସ୍ଥିତ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ତଲାସି ଜାରି ରହିଛି। ନଗଦ ଟଙ୍କାର ପ୍ରକୃତ ଉତ୍ସ ଜାଣିବା ପାଇଁ ଅନୁପମା ସାହୁଙ୍କୁ ପଚରାଉଚରା କରାଯାଉଛି।

# ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ

ସମ୍ବଲପୁର, ୫।୯ : ଶନିବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ସେପ୍ଟେମ୍ବର ୧୫ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ମଙ୍ଗଳବାର ସକାଳ ୯ ଟା ୪୦ରୁ ୯ଟା ୫୪ ମଧ୍ୟରେ ଶୁଭ ଲଗ୍ନ ଧାର୍ଯ୍ୟ କରାଯାଇଛି । ଏହି ସମୟ ଭିତରେ ପଶ୍ଚିମ ଓଡିଶାର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି କରାଯିବ। ପରେ ସାରା ପଶ୍ଚିମ ଓଡିଶାବାସୀ ନବାନ୍ନ ଭକ୍ଷଣ କରିବେ। ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ଲଗ୍ନ ନିର୍ଦ୍ଧାରଣ ହୋଇଛି। ବ୍ରହ୍ମପୁରା ମନ୍ଦିର ପରିସରରେ ପଣ୍ଡିତ ମଣ୍ଡଳୀ ବସି ମା' ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ମୁତାବକ ଲଗ୍ନ ଗଣନା କରିଛନ୍ତି।

### ଝିରମ ଘାଟି ନକ୍ସଲ ହିଂସା: ଦୀର୍ଘ ୧୩ ବର୍ଷ ପରେ ରାୟ

# ସମସ୍ତ ୧୦ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ, ୫।୯: ଦେଶକୁ ଦୋହଲାଇ ଦେଇଥଲା ୨୦୧୩ ମସିହାର ନକ୍ସଲ ହମଲା। ଶନିବାର ଆସିଛି ସେହି ହମଲା ମାମଲାର ରାୟ। ଛତିଶଗଡ଼ର ବସ୍ତର ରିଜନର ସ୍ୱତନ୍ତ୍ର ଏନଆଇଏ କୋର୍ଟ ଦୀର୍ଘ ୧୩ ବର୍ଷ ପରେ ୧୦ ଜଣଙ୍କୁ ଏହି ହମଲା ଘଟଣାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଛତିଶଗଡ଼ର ଝିରମ ଭ୍ୟାଲିରେ ନକ୍ସଲମାନେ ୨୦୧୩ରେ ରକ୍ତର ହୋଲି ଖେଳିବାରୁ ୨୯ ଜଣ ପ୍ରାଣ ହରାଇଥିଲେ। ଏଥିସହ ଛତିଶଗଡ଼ରେ କଂଗ୍ରେସ ଏହି ହମଲା ପରେ ଏକ ପ୍ରକାରର ମୁରବୀଶୂନ୍ୟ ହୋଇ ଯାଇଥିଲା। କାରଣ କଂଗ୍ରେସର ଅନେକ ବରିଷ୍ଠ ନେତା ଓ କର୍ମୀ ଉକ୍ତ ନକ୍ସଲ ହମଲାରେ ପ୍ରାଣ ହରାଇଥିଲେ। ବହୁ ଚର୍ଚ୍ଚିତ ଏହି ନକ୍ସଲ ହିଂସା ମାମଲା ଉପରେ ଜଗଦଲପୁରସ୍ଥିତ ଏନଆଇଏ ସ୍ୱତନ୍ତ୍ର ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ସମସ୍ତ ୧୦ ଅଭିଯୁକ୍ତଙ୍କୁ ଏନଆଇଏ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଗତ ଅଗଷ୍ଟ ୧୨ ତାରିଖରେ ଏନଆଇଏ ସ୍ୱତନ୍ତ୍ର ଅଦାଲତ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ । ପ୍ରଥମେ ୩୧ ଅଗଷ୍ଟରେ ରାୟ ପ୍ରକାଶ ପାଇବା ନେଇ ଦିନ ଧାର୍ଯ୍ୟ ହୋଇଥିଲା । ପରବର୍ତ୍ତୀ ସମୟରେ ଅଦାଲତ ସେପ୍ଟେମ୍ବର ୫ ତାରିଖକୁ ଘୁଞ୍ଚାଇ ଦେଇଥିଲେ। ମୋଟ ୧୦୧ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ମାତ୍ର ପ୍ରତିପକ୍ଷଙ୍କ ପକ୍ଷରୁ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ କେହି ଉପସ୍ଥାପନ କରିପାରିନଥିଲେ । ୨୫ ମେ, ୨୦୧୩ ମସିହାରେ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଦରଭା ଝିରମ ଘାଟିଠାରେ ଆକ୍ରମଣ ହୋଇଥିଲା । କଂଗ୍ରେସର ଶୋଭାଯାତ୍ରା ଉପରେ ନକ୍ସଲମାନେ ଅତର୍କିତ ଗୁଳି ବର୍ଷା କରିଥିଲେ । ମେ ୨୫ ଓ ୨୬ରେ ନକ୍ସଲଙ୍କ ଦ୍ୱାରା ବନ୍ଦ ଡାକରା ଦିଆଯାଇଥିବାବେଳେ ଛତିଶଗଡ଼ କଂଗ୍ରେସ ପକ୍ଷରୁ 'ପରିବର୍ତ୍ତନ ଯାତ୍ରା'ବେଳେ ପ୍ରାୟ ୧୫୦ ନକ୍ସଲ ଗୁଳି ବର୍ଷା କରିଥିଲେ ।

# ମାର୍ଚ୍ଚରେ ପଞ୍ଚାୟତ ବିଗୁଲ୍



ଭୁବନେଶ୍ୱର, ୫।୯: ରାଜ୍ୟରେ ଆଗାମୀ ମାର୍ଚ୍ଚରେ ବାଜିବ ପଞ୍ଚାୟତ ନିର୍ବାଚନ ବିଗୁଲ। ସେହି ମାସ ୫ରେ ସରିବ ଜନଗଣନା ପ୍ରକ୍ରିୟା। ଏହା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହେବ ପଞ୍ଚାୟତ ନିର୍ବାଚନ। ଏହା ୫ ଟି ପର୍ଯ୍ୟାୟରେ ହେବ । ପଞ୍ଚାୟତ ନିର୍ବାଚନ ସରିବା ପରେ ଏହାର ୧୫ ଦିନ କିମ୍ବା ମାସେ ଭିତରେ ପୌର ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନ ବାଲାଟରେ ଓ ପୌର ନିର୍ବାଚନ ଇଭିଏମ୍‌ରେ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ୯୧ ହଜାର ବୁଥ୍ ପ୍ରସ୍ତୁତ ଅଛି। ଅକ୍ଟୋବର ୨୪ରୁ ନଭେମ୍ବର ୭ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ସର୍ଭେ ହେବ। ଫେବ୍ରୁଆରି ୧୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୨୦୨୭ରେ ଏକକାଳୀନ ହେବ ସମ୍ବଲପୁର, ରାଉରକେଲା, ପୁରୀ ମହାନଗର ନିଗମର ନିର୍ବାଚନ। ବାକି ଥିବା ପଞ୍ଚାୟତର ଉପନିର୍ବାଚନ ମଧ ୨୦୨୭ରେ ହେବ ବୋଲି ଏକ ସୂତ୍ରରୁ ପ୍ରକାଶ।

### ଗୁରୁ ଦିବସ: କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ସମାରୋହରେ ମୁଖ୍ୟମନ୍ତ୍ରୀ

# ସୋସିଆଲ ମିଡିଆରେ ସମୟ ନଷ୍ଟ କରନାହିଁ

### ନିଜ କ୍ୟାରିୟର ଗଢ଼ିବା ଉପରେ ଧ୍ୟାନ ଦିଅ

### ଶିକ୍ଷା ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା



କଟକ, ୫।୯ (ନିପ୍ର): ସୋସିଆଲ ମିଡିଆରେ ଅଧିକ ସମୟ ନଷ୍ଟ ନ କରିବାକୁ, ଅପପ୍ରଚାରର ବଶବର୍ତ୍ତୀ ନ ହୋଇ ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼ିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢିବା ଉପରେ ଧ୍ୟାନ(ଫୋକସ୍) ଦେବାକୁ ପରାମର୍ଶ ଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ଭାବରେ ତୁମମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢି ଦକ୍ଷତା ହାସଲ କରିବା ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବା। ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ। ତେଣୁ, ଅନ୍ୟ କୌଣସି ବିଷୟରେ ଯାହା ତୁମର କ୍ୟାରିୟର ଗଢିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରହିବାକୁ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ; ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା ଏବଂ ଆମର ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମାହାତ୍ମ୍ୟ ପିଲାମାନଙ୍କୁ ବୁଝାଇବା ସହ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୁଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅତୁଳନୀୟ। ପ୍ରଭୁ ଶ୍ରୀରାମ, ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ନିର୍ଣ୍ଣାୟକ ଥିଲା। ଆଜିର ଯୁଗରେ ମଧ 'ମିଜାଇଲ ମ୍ୟାନ୍' ଡଃ ଏ.ପି.ଜେ. ଅବ୍‌ଦୁଲ କାଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଦେଶର ସର୍ବୋଚ୍ଚ ପଦବୀରେ ଥାଇ ମଧ ନିଜକୁ ପ୍ରଥମେ ଜଣେ ଶିକ୍ଷକ ଭାବେ ପରିଚୟ ଦେବାକୁ ପରମ ଗୌରବ ମନେକରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଭଳି ପୁରାତନ ଛାତ୍ରଙ୍କ ପାଇଁ ଏହି ବିଦ୍ୟାଳୟ ଆଜି ଗର୍ବିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ନିଷ୍ଠାପର ସେବା ପ୍ରଦାନ କରିଥିବା ଅଶୋକ କୁମାର ଶତପଥୀ, କୁମୁଦିନୀ ଜୀ, ଶକୁନ୍ତଳା ମହାନ୍ତି, ଦୈତାରୀ ସାହୁ ଏବଂ ଜୟନ୍ତୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି।


CMYK



## ମା' ଆସିବେ... ସଂକେତ ଦେଲାଣି କାଶତଣ୍ଡି

ବର୍ଷା ଋତୁର ବିଦାୟ ନେବା ବେଳେ ଆମ ରାଜ୍ୟର ବିଭିନ୍ନ ନଦୀକୂଳ, ପଡ଼ିଆ ଓ ଖୋଲା ଜମିରେ କାଶତଣ୍ଡି ଫୁଲ ଫୁଟି ଧଳା ଚାଦର ପରି ପ୍ରକୃତିକୁ ସଜାଇ ଦିଏ। ପବନରେ ଦୋଳାୟମାନ ଏହାର ଧଳା ଫୁଲ ଶରତ ଋତୁର ଆଗମନର ବାର୍ତ୍ତା ବହନ କରେ। ଏଥିସହ ଦୁର୍ଗାପୂଜାର ଆଗମନକୁ ମଧ୍ୟ ସୂଚିତ କରେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ କାଶତଣ୍ଡି ଫୁଲର ସୌନ୍ଦର୍ଯ୍ୟ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଅଳ୍ପ ଅଳ୍ପରେ ଆକର୍ଷିତ କରୁଛି। ସକାଳ ଓ ସନ୍ଧ୍ୟା ସମୟରେ ଅନେକ ଲୋକ ଏହି ମନୋରମ ଦୃଶ୍ୟ ଉପଭୋଗ କରିବା ସହ ଫଟୋ ଓ ଭିଡିଓ ଉତ୍ତୋଳନ କରୁଛନ୍ତି। ସୋସିଆଲ୍ ମିଡିଆରେ ମଧ୍ୟ କାଶତଣ୍ଡି ଫୁଲର ବିଭିନ୍ନ ଚିତ୍ର ଏବେ ଭାଇରାଲ୍ ହେଉଛି। ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିରୁ କାଶତଣ୍ଡି ଫୁଲର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଲୋକବିଶ୍ୱାସ ଅନୁଯାୟୀ, ଏହି ଫୁଲ ଫୁଟିବା ସହିତ ମା' ଦୁର୍ଗାଙ୍କ ମର୍ତ୍ତ୍ୟଲୋକ ଆଗମନର



ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହାକୁ ଶରତର ଶୁଭ ସଙ୍କେତ ଭାବେ ମଧ୍ୟ ଦେଖାଯାଏ। ଏହି ସମୟରୁ ପୂଜା ମଣ୍ଡପ ନିର୍ମାଣ, ପ୍ରତିମା ତିଆରି ଓ ବଜାରରେ କିଣାବିକା ଜୋର୍ ଧରିଥାଏ । ପୂଜା କମିଟିଗୁଡ଼ିକ ମଧ୍ୟ ପ୍ରସ୍ତୁତିରେ ବ୍ୟସ୍ତ ରହନ୍ତି। ବ୍ୟବସାୟୀମାନେ ମଧ୍ୟ ପର୍ବକୁ ନେଇ ଆଶାବାଦୀ ରହିଛନ୍ତି। ବସ୍ତ୍ର, ସାଜସଜ୍ଜା ସାମଗ୍ରୀ ଓ ମିଠା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଧୀରେ ଧୀରେ ବଢ଼େ। ପରିବେଶପ୍ରେମୀମାନେ କହିଛନ୍ତି ଯେ, କାଶତଣ୍ଡି ଫୁଲ କେବଳ ପ୍ରକୃତିର ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ବରଂ ନଦୀକୂଳର ପରିବେଶ ସନ୍ତୁଳନ ରକ୍ଷାରେ ମଧ୍ୟ ଏହାର ଗୁରୁତ୍ୱ ରହିଛି। ସେଥିପାଇଁ ଏହି ଫୁଲ ଅଞ୍ଚଳକୁ ସୁରକ୍ଷିତ ରଖିବା ସହ ପରିବେଶ ପ୍ରତି ସଚେତନ ରହିବାକୁ ଆହ୍ୱାନ ଜଣାଇଥାଏ।

## ପ୍ରେମ ଆଉ ବିଶ୍ୱାସ



**ଆଧ୍ୟାତ୍ମିକ ପ୍ରେମରେ ପାଇବାର ଇଚ୍ଛା ରହି ନ ଥାଏ । ଯେମିତି ଦୀପ ଜଳିଥାଏ ଆଉ ପ୍ରକାଶ ଆପେ ଆପେ ଚାରିଆଡ଼କୁ ଖେଳି ଯାଇଥାଏ । ସେମିତି ହିଁ ପ୍ରେମୀର ହେବା ହିଁ ପ୍ରେମ ହୋଇଯାଏ । ଏହାକୁ ତିନି ସ୍ତରରେ ବୁଝା ଯାଇଛି । ମୋହ-ଯେଉଁଠି ମୁଁ ଅନ୍ୟକୁ ନିଜ ପାଇଁ ଚାହୁଁଛି । ପ୍ରେମ-ଯେଉଁଠି ମୁଁ ଅନ୍ୟର ପାଇଁ ଜୀଇବା ପାଇଁ ଚାହୁଁଛି । ଆଧ୍ୟାତ୍ମିକ ପ୍ରେମ- ଯେଉଁଠି 'ମୁଁ ' ଆଉ 'ତୁ'ର ଭେଦ ରହିନଥାଏ ।**

ପ୍ରେମ ଆଉ ବିଶ୍ୱାସକୁ ଦୁହିଁଙ୍କୁ ଆମେ ପ୍ରାୟତଃ ସମ୍ବନ୍ଧର ଭାବନାରେ ବୁଝିଥାଉ । କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରେ ଏହି ଦୁହେଁ ଭାବନା ନୁହେଁ, ଦୁଇ ଅବସ୍ଥା ଅଟନ୍ତି । ପ୍ରେମର ଆଧ୍ୟାତ୍ମିକ ଅର୍ଥ ସାଂସାରିକ ପ୍ରେମରେ ଆମେ କହିଥାଉ,'ମୁଁ ତୁମକୁ ପ୍ରେମ କରୁଛି' । ଏଥିରେ 'ମୁଁ' ଆଉ 'ତୁମେ' ଦୁହେଁ ଅଛନ୍ତି । ଆଧ୍ୟାତ୍ମିକରେ ପ୍ରେମର ଦୂରତା ଲିଭି ଯାଏ ।



ପ୍ରେମ ନେବା ନୁହେଁ, ହେବା । ସାମାନ୍ୟ ପ୍ରେମ କିଛି ପାଇବା ପାଇଁ ହୋଇଥାଏ- 'ସୁଖ, ସଙ୍ଗ ଓ ସୁରକ୍ଷା' । ଆଧ୍ୟାତ୍ମିକ ପ୍ରେମରେ ପାଇବାର ଇଚ୍ଛା ରହି ନ ଥାଏ । ଯେମିତି ଦୀପ ଜଳିଥାଏ ଆଉ ପ୍ରକାଶ ଆପେ ଆପେ ଚାରିଆଡ଼କୁ ଖେଳି ଯାଇଥାଏ । ସେମିତି ହିଁ ପ୍ରେମୀର ହେବା ହିଁ ପ୍ରେମ ହୋଇଯାଏ । ଏହାକୁ ତିନି ସ୍ତରରେ ବୁଝା ଯାଇଛି । ମୋହ-ଯେଉଁଠି ମୁଁ ଅନ୍ୟକୁ ନିଜ ପାଇଁ ଚାହୁଁଛି । ପ୍ରେମ-ଯେଉଁଠି ମୁଁ ଅନ୍ୟର ପାଇଁ ଜୀଇବା ପାଇଁ ଚାହୁଁଛି । ଆଧ୍ୟାତ୍ମିକ ପ୍ରେମ- ଯେଉଁଠି 'ମୁଁ ' ଆଉ 'ତୁ'ର ଭେଦ ରହିନଥାଏ । ସନ୍ଥ ଏହାକୁ ଭକ୍ତି କୁହନ୍ତି ଆଉ ଉପନିଷଦରେ ଏହାକୁ 'ତତ୍ତ୍ୱମସି' ତାହା ତୁମେ ହିଁ କୁହା ଯାଇଛି ଆଉ ସୁଫି ଏହାକୁ ଇଶ୍କ ବୋଲି କୁହନ୍ତି । ବିଶ୍ୱାସର ଆଧ୍ୟାତ୍ମିକ ଅର୍ଥ ଆଖି ବନ୍ଦ କରି କି ମାନିନେବା ନୁହେଁ । ବିଶ୍ୱାସର ପ୍ରଥମ ରୂପ ହେଲା ଭରସା,କି ଅନ୍ୟ ବ୍ୟକ୍ତି ଧୋକା ଦେବ ନାହିଁ। ଏହା ଭାଙ୍ଗି ଯାଇ ପାରେ ମଧ୍ୟ । ଆଧ୍ୟାତ୍ମିକ ବିଶ୍ୱାସ ହେଲା ଶ୍ରଦ୍ଧା । ଏଠାରେ କୌଣସି ବ୍ୟକ୍ତି ଉପରେ ନୁହେଁ,ଜୀବନର ସମଗ୍ରତା ଉପରେ ହୋଇଥାଏ । ଏହାର ଅର୍ଥ ହେଲା,ଯାହା ହେଉଛି,ତାହାର ପଛରେ ଗୋଟିଏ ଗଭୀର ବୁଦ୍ଧିମତ୍ତା ଅଛି, ତେଣିକି ତାହା ଏବେ ମୋର ବୁଝିବାର ବାହାରେ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି,'କର୍ମ ଉପରେ ଧ୍ୟାନ ଦିଅ,ଫଳର ଚିନ୍ତା ଛାଡ଼ି ଦିଅ' । ଏହି ଛାଡ଼ିବା ହିଁ ବିଶ୍ୱାସ ଅଟେ । ବିଶ୍ୱାସର ଅର୍ଥ ହେଲା ମନର ଶାନ୍ତ ହେଇଯିବା । ଯେପର୍ଯ୍ୟନ୍ତ ସନ୍ଦେହ ଅଛି,ମନ ଭବିଷ୍ୟର ଗଣନାରେ ଲାଗି ରହିଥିବ । ଯେଉଁଠି ବିଶ୍ୱାସ ଆସିଗଲା,ମନ ବର୍ତ୍ତମାନରେ ଆସିଯାଏ । ଦୁହିଁଙ୍କ ସମ୍ବନ୍ଧ ଅଲଗା ନୁହେଁ। ବିଶ୍ୱାସ ପ୍ରେମର ଜଡ଼ ଅଟେ,ଆଉ ପ୍ରେମ ବିଶ୍ୱାସର ଫୁଲ ଅଟେ । ବିନା ବିଶ୍ୱାସରେ ପ୍ରେମ ଭୟ ପାଲଟି ଯେମିତି ହରେଇବାର ଭୟ,ଭାଙ୍ଗିବାର ଭୟ ଆଉ ବିନା ପ୍ରେମରେ ବିଶ୍ୱାସ ଅନ୍ଧବିଶ୍ୱାରେ ପାଲଟି ଯାଏ ଯେମିତି 'ଶୁଖିଲା,କଠୋର' ।

-ମନୋଜ କୁମାର ବେହେରା
ଫୋନ୍-୭୯୭୮୮୩୦୬୧୧



## ଖୁଦୁରୁକୁଣୀ ଓଷା

ଓଡ଼ିଶାର ପରମ୍ପରା ଓ ପର୍ବପର୍ବାଣୀ ମଧ୍ୟରେ ଖୁଦୁରୁକୁଣୀ ଓଷାର ରହିଛି ଏକ ବିଶେଷ ସ୍ଥାନ। ବିଶେଷ କରି ଅବିବାହିତ ଝିଅମାନେ ଏହି ପୂଜାକୁ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରିଥାନ୍ତି। ଲୋକକଥା ଅନୁସାରେ, ଏହି ଓଷାର ସମ୍ପର୍କ ମା' ମଙ୍ଗଳାଙ୍କ ସହ ରହିଛି। କୁହାଯାଏ, ପୂର୍ବରୁ ଓଡ଼ିଶାର ଅନେକ ବ୍ୟବସାୟୀ ସମୁଦ୍ର ପଥରେ ବାଣିଜ୍ୟ କରିବାକୁ ଦୂର ଦେଶକୁ ଯାଉଥିଲେ। ସେମାନଙ୍କ ପରିବାରର ମହିଳାମାନେ ଘରେ ରହି ସେମାନଙ୍କ ଫେରିବାକୁ ଅପେକ୍ଷା କରୁଥିଲେ। ଏହି ପରମ୍ପରା ସହ ଜଡ଼ିତ ଅଛି ତାପୋଇଙ୍କ କାହାଣୀ। ତଅପୋଇଙ୍କର ସାତ ଜଣ ଭାଇ ଥିଲେ। ଭାଇମାନେ ବ୍ୟବସାୟ ପାଇଁ ସମୁଦ୍ର ପାର ହୋଇ ଦୂର ଦେଶକୁ ଚାଲିଯାଇଥିଲେ। ତଅପୋଇ ତାଙ୍କ ଭାଇମାନଙ୍କୁ ବହୁତ ଭଲ ପାଉଥିଲେ ଏବଂ ସେମାନେ ଶୀଘ୍ର ଘରକୁ ଫେରନ୍ତୁ ବୋଲି ମା' ମଙ୍ଗଳାଙ୍କୁ ପ୍ରାର୍ଥନା କରିଥିଲେ। କାହାଣୀ ଅନୁସାରେ, ତଅପୋଇଙ୍କ ଭକ୍ତି ଓ ପ୍ରାର୍ଥନାରେ ମା' ମଙ୍ଗଳା ପ୍ରସନ୍ନ ହୋଇଥିଲେ । ଏହି କାହାଣୀକୁ ମନେ ପକାଇ ଆଜି ମଧ୍ୟ ଝିଅମାନେ ମା' ମଙ୍ଗଳାଙ୍କୁ ପୂଜା କରିବାର ପରମ୍ପରା ରହିଆସିଛି। ଖୁଦୁରୁକୁଣୀ ଓଷାରେ ଝିଅମାନେ ସକାଳୁ ଉଠି ଘର ଓ ପୂଜାସ୍ଥାନ ସଫା କରନ୍ତି। ମାଟିରେ ମା' ମଙ୍ଗଳାଙ୍କ ମୂର୍ତ୍ତି ତିଆରି କରି ଫୁଲ, ଫଳ ଓ ବିଭିନ୍ନ ପୂଜା ସାମଗ୍ରୀରେ ପୂଜା କରନ୍ତି। ଏହି ଦିନ ତଅପୋଇଙ୍କ କାହାଣୀ ମଧ୍ୟ ଶୁଣାଯାଏ। ତେବେ ଖୁଦୁରୁକୁଣୀ ଓଷା କେବଳ ଏକ ପୂଜା ନୁହେଁ। ଏହା ଭାଇ-ଭଉଣୀଙ୍କ ଭଲପାଇବା, ପରିବାରର ମଙ୍ଗଳ ଏବଂ ଓଡ଼ିଆ ସଂସ୍କୃତିର ଏକ ସୁନ୍ଦର ପରମ୍ପରାର ପ୍ରତୀକ। ପିଢ଼ି ପରେ ପିଢ଼ି ଏହି ପରମ୍ପରା ଆଜି ମଧ୍ୟ ଓଡ଼ିଶାର ଘରେ ଘରେ ଜୀବନ୍ତ ରହିଛି ।

## ଅସୁରର ବିନାଶ କଲେ ଶ୍ରୀକୃଷ୍ଣ



ଦିନେ ଯଶୋଦା ମାତା ବାଳକୃଷ୍ଣଙ୍କୁ କୋଳରେ ବସାଇ ଝୁଲାଉଥିଲେ। ଏହିପରି ଦୀର୍ଘ ସମୟ ଝୁଲାଇବା ପରେ ଗୋଡ଼ କାଟିବାରୁ ସେ କୃଷ୍ଣଙ୍କୁ ନିଜ ପାଖରେ ତଳେ ବାରଣ୍ଡାରେ ଶୁଆଇ ଦେଲେ। କୃଷ୍ଣ ଗୋଡ଼ହାତ ହଲାଇ ବେଶ୍ ଖେଳୁଥାନ୍ତି। ଏହା ଦେଖି ଯଶୋଦା ରାଣୀ ବି ଆନନ୍ଦିତ ହେଉଥାନ୍ତି। କିଛି ସମୟ ବିତିବା ପରେ କୌଣସି କାମରେ ଯଶୋଦା ହଠାତ୍ ଉଠି ଘର ଭିତରକୁ ପଳାଇଛନ୍ତି। କୃଷ୍ଣଙ୍କ ପାଖରେ ଆଉ କେହି ନାହାନ୍ତି। ଏହି ସମୟରେ ତୃଣାବର୍ତ୍ତ ନାମକ ଏକ ଅସୁର ଗୋକୁଳ ଆସି କୃଷ୍ଣଙ୍କୁ ଏକୁଟିଆ ଦେଖିଛି। ତେଣୁ ସେ ଖଣ୍ଡିଆଭୂତ ରୂପ ନେଇ ଖୁବ୍ ଜୋର୍‌ରେ ଘୂର୍ଣ୍ଣିଝଡ଼ କରାଇଛି। ଏତିକି ନୁହେଁ ଖଣ୍ଡିଆ ଭୂତ ହୋଇ ସେ କୃଷ୍ଣଙ୍କୁ ଉଠାଇ ଆଣି ଆକାଶକୁ ଫିଙ୍ଗି ଦେବାକୁ ପ୍ରୟାସ କରିଛି। କୃଷ୍ଣ ବି ଲୀଳା ରଚିଛନ୍ତି। ସେ ଚଟାପଟ୍ ଖଣ୍ଡିଆ ଭୂତର କାନ୍ଧ ଉପରେ ଯାଇ ବସି ତାର ତଣ୍ଟି ଚିପି ଧଇଲେ। ତଣ୍ଟି ଚିପି ହୋଇଯିବାରୁ ରାକ୍ଷସ ଅଣନିଶ୍ୱାସୀ ହୋଇ ତଳେ ପଡ଼ିଗଲା। ତାର ମୁଣ୍ଡ ତଳେ ପିଟି ହୋଇଗଲା। ତେଣୁ ସେ ଚିତ୍କାର କରି ସେହିଠାରେ ଟଳି ପଡ଼ିଲା। ମଲା ବେଳକୁ ତାର ଅସଲି ରୂପରେ ଆସିଗଲା। ଏ ସବୁ ଘଟଣା ମାତ୍ର କିଛି ସମୟ ଭିତରେ ଘଟିଗଲା ଯେ କେହି ବିଶ୍ୱାସ କରିପାରିଲେ ନାହିଁ। ସେପଟେ ଯଶୋଦା କୃଷ୍ଣଙ୍କ ପାଇଁ ବହୁତ କାନ୍ଦୁଥିଲେ। କିନ୍ତୁ ତାଙ୍କର କିଛି ହୋଇ ନଥିବାରୁ ଆଶ୍ୱସ୍ତ ହେଲେ।





## ସାଧୁସନ୍ଥଙ୍କ ସନ୍ତୁଷ୍ଟିରେ ମିଳନ୍ତି ଭଗବାନ

ଜଣେ ଶିଷ୍ୟ ପଚାରିଲା, ଗୁରୁଜୀ, ଯଦି ଭଗବାନ ରାମ ସବୁବେଳେ ଆପଣଙ୍କ ପଛରେ ବୁଲୁଛନ୍ତି, ତା'ହେଲେ ଆମକୁ ବି ଥରେ ତାଙ୍କର ଦର୍ଶନ କରିବାର ସୌଭାଗ୍ୟ ଦିଅନ୍ତୁ ନା' । କବୀର କହିଲେ, ଭଗବାନ କେବଳ ତା'କୁ ହିଁ ଦର୍ଶନ ଦିଅନ୍ତି, ଯିଏ ଦୁର୍ବ୍ୟସନରୁ ମୁକ୍ତ ହୋଇଥାଏ, ପରିଶ୍ରମରୁ ରୋଜଗାର କରିଥାଏ ଏବଂ ଗରିବ-ନିରାଶ୍ରୟ ଓ ସାଧୁସନ୍ଥମାନଙ୍କୁ ଭୋଜନ ଦାନ କରିଥାଏ । ସଚ୍ଚୋଟତାର ସହ ରୋଜଗାର କର ଏବଂ ସେହି ରୋଜଗାରରୁ ଖାଦ୍ୟ ପ୍ରସ୍ତୁତ କରି ସାଧୁସନ୍ଥମାନଙ୍କୁ ସନ୍ତୁଷ୍ଟ କର, ଭଗବାନ ନିଶ୍ଚିତ ଭାବେ ଦର୍ଶନ ଦେବେ । ଶିଷ୍ୟ ନିଜ ଅବଗୁଣକୁ ତ୍ୟାଗ କଲା ଏବଂ ପରିଶ୍ରମ କରି ରୋଜଗାର କରିବାକୁ ଲାଗିଲା । ଦିନେ ସେ କହିଲା, ଗୁରୁଦେବ ଆଜି ମୁଁ ସାଧୁସନ୍ଥଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଛି । ଆପଣ ଭୋଜନ କରିବାକୁ ଆସନ୍ତୁ ଏବଂ ମୋତେ ଭଗବାନଙ୍କ ଦର୍ଶନ କରାନ୍ତୁ । ଭୋଜନ କାର୍ଯ୍ୟକ୍ରମରେ ଅନେକ ସାଧୁସନ୍ଥ ପହଞ୍ଚିଲେ । ଶିଷ୍ୟ କବୀରଦାସଙ୍କ ପ୍ରତୀକ୍ଷା କରିବାକୁ ଲାଗିଲା । ଅଚାନକ ସେ ଦେଖିଲା ଯେ ଏକ ମଇଁଷି ରୋଷେଇ ଘରେ ପ୍ରବେଶ କରି ପୁରି ଥିବା ଝୁଡ଼ିରେ ମୁହଁ ମାରୁଛି । ଏଥିରେ କ୍ରୋଧିତ ହୋଇ ଶିଷ୍ୟ ଉକ୍ତ ମଇଁଷିକୁ ପିଟିବା ଆରମ୍ଭ କରିଦେଲା । ଏହି ସମୟରେ ସନ୍ଥ କବୀର ସେହି ମଇଁଷିକୁ କୁଣ୍ଢାଇ ଧରି କହୁଥିଲେ, ହେ ରାମ୍, ତୁମ ଉପରେ ରାବଣ ମଧ୍ୟ ଏପରି ଜୁଲମ୍ କରିନଥିବ, ଯେପରି ମୋ ଶିଷ୍ୟ କରୁଛି । ଶିଷ୍ୟକୁ ଦେଖି କବୀର କହିଲେ, ରେ ଦୁଷ୍ଟ. ଭଗବାନ ଭୋଜନ କରିବାକୁ ଆସିଥିଲେ । ତୁମେ କଂସେଇ ଭଳି ବ୍ୟବହାର କାହିଁକି କଲ ? ଶିଷ୍ୟ ବୁଝିଗଲା ଯେ କବୀର ପ୍ରାଣୀ ମାତ୍ରକେ ରାମଙ୍କ ଦର୍ଶନ କରିଥାନ୍ତି । ସେ ତାଙ୍କ ଚରଣରେ ଲୋଟିପଡ଼ିଲା ।

## ଅତ୍ୟଧିକ ଗରମ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ପ୍ରାୟତଃ ଲୋକମାନେ ଗରମ ଖାଦ୍ୟ ଖାଇବା ଏବଂ ପିଇବା ପାଇଁ ପସନ୍ଦ କରିଥାନ୍ତି । କିନ୍ତୁ ଯେଉଁମାନେ ଗରମ ଖାଦ୍ୟ ଖାଇବାକୁ ଏବଂ ଗରମ ଚା ପିଇବାକୁ ଭଲ ପାଆନ୍ତି, ଏଥିପ୍ରତି ସାବଧାନ ହୋଇଯିବା ଉଚିତ । ତେବେ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ବର୍ତ୍ତମାନ ଆପଣ ଚିନ୍ତା କରୁଥିବେ ଯେ ଗରମ ଖାଦ୍ୟ ସ୍ୱାଦିଷ୍ଟ ହୋଇଥାଏ, ତେବେ ଏହାକୁ ଖାଇବାରେଅସୁବିଧା କ'ଣ। ଗରମ ଖାଦ୍ୟ ଖାଇବାର ଆନନ୍ଦ ଅନ୍ୟ କିଛି ହୋଇଥାଏ, କିନ୍ତୁ ଯଦି ଆପଣ ଅଧିକ ଗରମ ଖାଦ୍ୟ ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପ୍ରତ୍ୟେକ ଖାଦ୍ୟର ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ଥାଏ, ଯେପରି କିଛି ଜିନିଷ ଗରମ ଥିବା ସମୟେର ଭଲ ସ୍ୱାଦ ଦେଇଥାଏ ଏବଂ କିଛି ଜିନିଷ ଥଣ୍ଡା ଥିବା ବେଳେ ଭଲ ସ୍ୱାଦ ଦେଇଥାଏ । କିନ୍ତୁ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ ।

ଅତ୍ୟଧିକ ଗରମ ଖାଦ୍ୟ ଖାଇବାର କ୍ଷତି କ'ଣ ?

ଦାନ୍ତ ସମସ୍ୟା ହୋଇପାରେ : ଯଦି ଆପଣ ଅତ୍ୟଧିକ ଗରମ ଖାଦ୍ୟ ଖାଆନ୍ତି କିମ୍ବା ପିଅନ୍ତି, ତେବେ ଏହା ଦାନ୍ତର କ୍ଷତି କରାଇପାରେ । ଅତ୍ୟଧିକ ଗରମ ଏବଂ ଥଣ୍ଡା ଖାଦ୍ୟ ଖାଇବା କାରଣରୁ ଦାନ୍ତ ସମସ୍ୟା ବଢିପାରେ । ତେଣୁ, ସର୍ବଦା ସାଧାରଣ ତାପମାତ୍ରାରେ ଜିନିଷ ଖାଇବା ଉଚିତ। ଯାହା ଫଳେର ଦାନ୍ତ ସମସ୍ୟା ହେବ ନାହିଁ । ଗଳା ଏବଂ ଜିଭ ପାଇଁ କ୍ଷତି ହୋଇପାରେ : ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଆମ ଶରୀରର ଅଙ୍ଗକୁ ମଧ୍ୟ ପ୍ରଭାବିତ କରିଥାଏ । ଯାହା ମାଧ୍ୟମରେ ଖାଦ୍ୟ ଆମ ପେଟ ଭଳିତରକୁ ଯାଇଥାଏ । ଏହାର ଅର୍ଥ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଜିଭ ଏବଂ ଗଳା ଜଳି



ଯାଇପାରେ । ଗରମ ଖାଦ୍ୟ ଖାଇବା ଜିଭକୁ ଜାଳିଦିଏ, ଯାହାର ପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ । ଅନେକ ଥର ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଗଳା ଫୁଲିଯାଏ ଏବଂ ଅନ୍ତନଳୀରେ ମଧ୍ୟ କ୍ଷତି ହୋଇଥାଏ । ସେଥିପାଇଁ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଗ୍ୟାସ୍ ସମସ୍ୟା : ଯେଉଁମାନେ ଅତ୍ୟଧିକ ଗରମ ଖାଦ୍ୟ ଖାଆନ୍ତି ସେମାନଙ୍କ ମଧ୍ୟରେ ଅଧିକ ଗ୍ୟାସ୍



ସମସ୍ୟା ମଧ୍ୟ ଦେଖାଯାଏ । ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଶରୀରରେ ଗ୍ୟାସ ସମସ୍ୟା ସୃଷ୍ଟି କରିଥାଏ । ଯେଉଁଥିପାଇଁ ଆପଣଙ୍କର ଅନ୍ୟାନ୍ୟ ସମସ୍ୟା ହୋଇପାରେ ।

ପେଟ ପାଇଁ କ୍ଷତିକାରକ ହୋଇଥାଏ : ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଉତ୍ତାପ ବଢିପାରେ । ଅତ୍ୟଧିକ ଗରମ ଜିନିଷ ମଧ୍ୟ ପେଟକୁ ଖରାପ କରିପାରେ । ଏହାଦ୍ୱାରା ପେଟରେ ପୋଡିବା ଏବଂ ପେଟ ଘାଆ ମଧ୍ୟ ହୋଇପାରେ । ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଏସିଡିଟି ଏବଂ ବାନ୍ତି ହେବାର ଆଶଙ୍କା ବଢିଯାଏ । ସେଥିପାଇଁ ଯେଉଁମାନେ ଗରମ ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ କରନ୍ତି, ସେମାନେ ଏହି ସବୁ କଥା ପ୍ରତି ଧ୍ୟାନ ଦିଅନ୍ତୁ। ନଚେତ୍ ଆଗକୁ ଯାଇ ଆପଣ ଅନେକ ପ୍ରକାରର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

# ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ସାଇକେଲ ଚାଳକ ସୁରକ୍ଷା ଅଭିଯାନ

ଯାଜପୁର,(ନିପ୍ର): ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ପ୍ଲାଣ୍ଟ ପରିସର ବାହାରେ ଏକ ବ୍ୟାପକ 'ସାଇକେଲ ଚାଳକ ସୁରକ୍ଷା ଅଭିଯାନ' ସଫଳତାର ସହ ଆୟୋଜିତ ହୋଇଯାଇଛି। ସାଇକେଲ ଚାଳକମାନଙ୍କ ନିରାପଦ



ଯାତାୟାତ ଏବଂ ରାସ୍ତାରେ ସେମାନଙ୍କ ସ୍ପଷ୍ଟ ଦୃଶ୍ୟମାନତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା କିମ୍ବା ରାତ୍ରୀ ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ଅଭିଯାନ ଅଧୀନରେ ୩୧୧ଟି ସାଇକେଲରେ ରେଟ୍ରୋ-ରିଫ୍ଲେକ୍ଟିଭ୍ ଷ୍ଟିକର୍ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୦୨ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏନ୍‌ଏଲ୍‌ର ଅପରେସନ୍ସ ଆଣ୍ଡ ମେଣ୍ଟେନାନ୍ସ ଚିଫ୍ ବିନୀତ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡି.ଆଇ.ଇ.ଟି., ଗଂଜାମ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ ପାଇଁ ଯୋଗ୍ୟ ବିବେଚିତ

ରମ୍ଭା,(ନିପ୍ର): ଅଗ୍ରଣୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ରୂପେ ସମଗ୍ର ରାଜ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟ ବିଶେଷ ଅବଦାନ ପାଇଁ ସମ୍ପ୍ରତି ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଡି.ଆଇ.ଇ.ଟି. ସମ୍ମାନ-୨୦୨୫ ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛି।

ବର୍ଷ ସାରା ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁ ଛାତ୍ରଛାତ୍ରୀ, ସର୍ବୋପରି ଶିକ୍ଷା ବିଭାଗର ପଦାଧିକାରୀ, ଆଞ୍ଚଳିକ ସାଧନ



କେନ୍ଦ୍ର ସଂଯୋଜକଙ୍କୁ ଉତ୍କୃଷ୍ଟ ପ୍ରଶିକ୍ଷଣ ଅଭିନବ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ପାରଦର୍ଶିତା ହାସଲ କରିଆସିଛି। ପ୍ରତିଷ୍ଠାନର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡାଙ୍କ ଅଦମ୍ୟ ପ୍ରୟାସ ଐକାନ୍ତିକ ନିଷ୍ଠା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠାନ ଶିକ୍ଷା ପ୍ରଶିକ୍ଷଣ ଜ୍ଞାନ ଗରିମାରେ ଅଗ୍ରଣୀ ଭୂମିକା ତୁଲାଇବା ସହିତ ନିଆରା ମାନ ମର୍ଯ୍ୟାଦା ପ୍ରତିଷ୍ଠା ଲାଭ କରିଛି। ବହୁ ଶୈକ୍ଷିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ଶିକ୍ଷା ପ୍ରଶିକ୍ଷଣ ଦିଗରେ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିଛନ୍ତି। ସମ୍ମାନ ପାଇଁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିଛି।

# ସମିତି ସଂପାଦକଙ୍କୁ କମ୍ପ୍ୟୁଟର ତାଲିମ

ନିମାପଡ଼ା,(ନି.ପ୍ର.): ରାଜ୍ୟ ସମବାୟ ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି ସଂପାଦକଙ୍କୁ ଅନ୍‌ଲାଇନ୍ ସଂକ୍ରାନ୍ତୀୟ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହା ୪୦ଦିନ ଧରି ଚାଲିବ ବୋଲି ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ସଂପାଦକ ସୁଶାନ୍ତ ରାଉତ ସୂଚନା ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ରାଉତ ଏହି ପ୍ରଶିକ୍ଷଣ ମାଧ୍ୟମରେ ସମବାୟ ବିଭାଗର ଯେକୌଣସି କାର୍ଯ୍ୟ କରିବା ପାଇଁ ସଂପାଦକମାନେ ଦକ୍ଷତା ହାସଲ ପାଇଁ ଉଦ୍ଦିଷ୍ଟ ବୋଲି ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଓଏସ୍‌ଏସ୍‌ଆଇଟି କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ ପାଠ୍ୟକ୍ରମ ସମ୍ବନ୍ଧରେ ସ୍ଥାନୀୟ ନାଇସ୍ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ୍ ପ୍ରଦାନ କରାଯାଇଥିଲା। ଓଡ଼ିଶା ନଲେଜ କମ୍ପ୍ୟୁଟର ଲିମିଟେଡ଼ର ଅଧିକାରୀ ନିରଞ୍ଜନ ମହାପାତ୍ର, ନାଇସ୍ କମ୍ପ୍ୟୁଟର ସତ୍ତ୍ୱାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇ ପ୍ରତ୍ୟେକ ସଂପାଦକଙ୍କୁ ଦକ୍ଷତା ଭିତ୍ତିକ କରାଯିବ ବୋଲି ଘୋଷଣା କରିଥିଲେ। ୧୫ ଜଣ ସଂପାଦକ ଏବଂ ୨୬ ଜଣ ଡ଼ିଇଓ ଯୋଗ ଦେଇଥିବା ବେଳେ ୪୦ ଦିନ ଧରି ଏହିଠାରେ ତାଲିମ୍ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

# ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ

ଚାରିଛକ,(ନିପ୍ର): ଚାରିଛକ ଅଞ୍ଚଳ ସମେତ ଏହାର ଆଖପାଖ ବିଭିନ୍ନ ମନ୍ଦିର ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚାରିଛକ ସମେତ ବାହାରଣା, ତୁଳସୀପୁର, ଭୋଦର, ଛଣିଜଙ୍ଗ, ତମ୍ପାଳ ଓ କଳାପାଞ୍ଚଣ ଆଦି ପ୍ରମୁଖ ପଞ୍ଚାୟତର ବିଭିନ୍ନ ମନ୍ଦିରମାନଙ୍କରେ ନିଷ୍ଠାର ସହ ଏହି ପର୍ବ ପାଳନ କରାଯାଇଥିଲା। ସାଧ୍ୱୀ ଓ ସଧବା ମହିଳାମାନେ ଓଷା ବ୍ରତ ଧାରଣ କରି ବିଭିନ୍ନ ପ୍ରକାର ଫଳମୂଳ, ଧୂପ, ଦୀପ ଆଦି ସାମଗ୍ରୀ ସହ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବହି ପାଠ କରି ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଚାରିଛକ ସରସ୍ୱତୀ ଶିଶୁ ମନ୍ଦିରଠାରେ ଜନ୍ମାଷ୍ଟମୀ ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନେ ଶ୍ରୀକୃଷ୍ଣ, ରାଧା, ବଳଭଦ୍ର, ବସୁଦେବ ଓ ବିଭିନ୍ନ ସଖୀ ବେଶରେ ସଜ୍ଜିତ ହୋଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଓ ଆନନ୍ଦମୟ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ଅନୁଷ୍ଠାନର ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ ଏବଂ କର୍ମଚାରୀବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ

## ସିଏମ୍ କିଷାନ ସହାୟତା ରାଶି ବିତରଣ

# ୫୯,୦୩୨ କୃଷକ ପରିବାର ହେଲେ ଉପକୃତ




ରାୟଗଡ଼,(ନିପ୍ର): ରବି ୨୦୨୬-୨୭ ଋତୁରେ ଚାଷ କାର୍ଯ୍ୟ ପାଇଁ ରାଜ୍ୟର ପ୍ରାୟ ୪୧.୫ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାରଙ୍କୁ ସିଏମ୍ କିଷାନ ଯୋଜନା ଅଧୀନରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ସିଏମ୍ କିଷାନ ଯୋଜନାର ଗୁରୁତ୍ୱ ଓ କୃଷି କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ୧୧ଟି ବ୍ଲକରୁ ଆସିଥିବା ପ୍ରାୟ ୧୫୦ ଜଣ ପ୍ରତିନିଧି ଚାଷୀ ଯୋଗଦେଇଥିଲେ।

ଏହି ପର୍ଯ୍ୟାୟରେ ରାୟଗଡ଼ ଜିଲ୍ଲାର ମୋଟ ୫୯,୦୩୨ ଜଣ ଚାଷୀ ଓ କୃଷି ପରିବାରଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ହସ୍ତାନ୍ତର କରାଯାଇଛି। ଏଥିମଧ୍ୟରେ ୫୮,୦୦୭ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧,୦୨୫ ଜଣ ଭୂମିହୀନ କୃଷି ପରିବାର ସାମିଲ ଅଛନ୍ତି। କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର କୃଷକମାନେ ବ୍ୟାପକ ଭାବେ ଉପକୃତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନରୁ ପ୍ରସାରିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କୃଷକମାନଙ୍କୁ ସମ୍ବୋଧିତ କରିଥିଲେ। ସେ ଦର୍ଶାଇଥିଲେ ଯେ ସିଏମ୍ କିଷାନ (ବାର୍ଷିକ ୪,୦୦୦) ଏବଂ ପିଏମ୍ କିଷାନ (ବାର୍ଷିକ ୬,୦୦୦) ଯୋଜନାର ମିଳିତ ସହଯୋଗରେ ରାଜ୍ୟର ଚାଷୀମାନଙ୍କୁ ବାର୍ଷିକ ମୋଟ ୧୦,୦୦୦ ର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଏହି ସହାୟତା ରାଶି ରବି ଋତୁରେ ଚାଷୀମାନଙ୍କୁ ବିହନ, ସାର, କୃଷି ଉପକରଣ ଓ ଅନ୍ୟାନ୍ୟ କୃଷି ନିବେଶ ପାଇଁ ସାହାଯ୍ୟ କରିବା ସହ ଉତ୍ପାଦନ ବୃଦ୍ଧି ଏବଂ କୃଷକଙ୍କ ଆର୍ଥିକ ସଶକ୍ତିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ।

**କେନ୍ଦ୍ରାପଡ଼ା:** ରାଜ୍ୟର ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି କ୍ଷେତ୍ରର ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ କିଷାନ ଯୋଜନାର ରବି ଋତୁ ପାଇଁ ୫ମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୪୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକଙ୍କୁ ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଓୟୁଏଟିର କୃଷି ଶିକ୍ଷା ସଦନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ମହାକାଳପଡ଼ାର ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ନେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାରେ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ବାବଦରେ ୩୩୩ ଜଣ ଭୂମିହୀନ ଚାଷୀ ଏବଂ ୧,୭୦,୪୯୪ ଜଣ ଖୁଦ୍ର ଓ ନାମମାତ୍ର ଚାଷୀ, ମୋଟ ୧,୭୦,୮୨୭ ଜଣ ଚାଷୀଙ୍କୁ ୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। ଯୋଜନା ଅନୁଯାୟୀ, ପ୍ରତ୍ୟେକ ଭୂମିହୀନ ଚାଷୀଙ୍କୁ ୫,୦୦୦ ଟଙ୍କା ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକରୁ ୧୭୦ ଜଣ ଚାଷୀଙ୍କ ସମେତ ବିଭାଗୀୟ କର୍ମଚାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

**ଯାଜପୁର :** ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ 'ସି.ଏମ୍-କିଷାନ୍' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଚାଷୀ ଭାଇମାନଙ୍କୁ ଚାଷ କାର୍ଯ୍ୟ ଆଗେଇ ନେବା ନିମନ୍ତେ ବର୍ଷକୁ ଦୁଇ ଥର ଯଥା: ଖରିଫ ଫସଲ ଓ ରବି ଫସଲ ନିମନ୍ତେ ବାର୍ଷିକ ଦୁଇଥର ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଉଛି।

ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ , ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି,ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଗୋପୀନାଥ ବେହେରା ଯୋଗଦାନ କରିଥିଲେ। ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ତଥା କୃଷି ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଯାଜପୁର ମନୋଜ କୁମାର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# 'ବିନା ଗୁରୁରେ ଜ୍ଞାନ ଲାଭ ହୁଏ ନାହିଁ'

**ଭବାନୀପାଟଣା, (ନି.ପ୍ର):** ସ୍ଥାନୀୟ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ତଥା ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିନା ଦାସ ଏବଂ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ଗୁରୁଦିବସର ମହତ୍ତ୍ୱ ବିଷୟରେ ବୁଝାଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷଟିଏ ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଯଥା ପୁଷ୍ପିତା ପଟ୍ଟନାୟକ, ସିକ୍‌ତା ପଟ୍ଟନାୟକ, ଛନ୍ଦିତା ଦାଶ, ଗୀତାଞ୍ଜଳି ମିଶ୍ର, ହିରାମଣୀ ବେମାଲ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଭାପୁର :** ଗୁରୁଦିବସ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନମାଳିପୁର ଗ୍ରାମର ସୋମନାଥ ଦେବଙ୍କ ପ୍ରାଙ୍ଗଣରେ ସହକାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ୨୦୦୦ ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଓ୍ ଅବସରପ୍ରାପ୍ତ ଶିକ୍ଷକ ଓ୍ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ।ଗୁରୁ ରୂପକ ଦେବତା ମାନେ କାର୍ଯ୍ୟକ୍ରମରେ ଯୋଗଦାନ ପରେ କାର୍ଯ୍ୟକ୍ରମର ସମ୍ପାଦକ ବେଣୁଧର ପ୍ରଧାନ ଗୁରୁ ମାନଙ୍କର ପଦଧୌତ ପୂର୍ବକ ଉପଯୁକ୍ତ ମର୍ଯ୍ୟାଦା ଦେଇ ସଭାସ୍ଥଳ କୁ ପାଛୋଟି ନେଇଥିଲେ।




କାର୍ଯ୍ୟକ୍ରମରେ ଅତିଥି ରୂପେ ବନାରସ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର,ବରିଷ୍ଠ ପତ୍ରକାର ତଥା ଖଣ୍ଡପଡାର ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଧାପିକା ଡଃ ପ୍ରତିଭା ମହାରଥୀ,ସାହିତ୍ୱିକ ଇତି ସାମନ୍ତ,ଡକ୍ଟର ବୀରେନ୍ଦ୍ର ମନୋହର ଦାସ,ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ମହାନ୍ତି,ପ୍ରାଧ୍ୟାପକ ପବିତ୍ର ମୋହନ ସୁବୁଦ୍ଧି,ରମେଶ୍ୱର ଶତପଥୀ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବେଣୁଧର ପ୍ରଧାନଙ୍କ ଦ୍ୱାରା ଲିଖିତ 'ବୁଝୁ ନବୁଝୁ ପଢ଼ ଗୀତା' ପୁସ୍ତକକୁ ଉପସ୍ଥିତ ଅତିଥି ମାନେ ଉନ୍ମୋଚିତ କରି ଗୁରୁଙ୍କ ବିଷୟରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। 'ବିନା ଗୁରୁରେ ଜ୍ଞାନ ଲାଭ ହୁଏନାହିଁ' ବୋଲି ଅତିଥି ମାନଙ୍କର ମୂଲ୍ୟବାନ ବକ୍ତବ୍ୟର ସାରାଂଶ ରହିଥିଲା।କାର୍ଯ୍ୟକ୍ରମକୁ ସଭାପତି ରବୀନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଉଦ୍‌ଘୋଷକ ଭାବରେ ମାଷ୍ଟର ଅଂଶୁମାନଙ୍କ ମଧୁର ସଂଚାଳନ ସମସ୍ତଙ୍କୁ ବାନ୍ଧି ରଖିଥିଲେ।

**କେନ୍ଦୁଝର:** କେନ୍ଦୁଝର ସହର ଉପକଣ୍ଠସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁରଠାରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସଦର ବ୍ଲକର ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳଚନ୍ଦ୍ର ଦାସ ଯୋଗଦେଇଥିଲେ। ସେ ପୌରାଣିକ ଯୁଗର ଗୁରୁ-ଶିଷ୍ୟ ପରମ୍ପରାଠାରୁ ଆରମ୍ଭ କରି ଆଧୁନିକ ସମୟରେ ବିଦ୍ୟାର୍ଥୀମାନଙ୍କ ଦାୟିତ୍ୱ ଏବଂ ସେମାନଙ୍କ ଉତ୍ସର୍ଗୀକୃତ ଭାବନା କିପରି ବିଦ୍ୟାଳୟର ଉନ୍ନତିରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ଉପାଦେୟ ମାର୍ଗଦର୍ଶନ ପ୍ରଦାନ




କରିଥିଲେ।ସଭାରେ ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର, ନିରୂପମା ମହାନ୍ତ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ଦାଶ ଯୋଗଦେଇ ନିଜ ଶିକ୍ଷକତା ଜୀବନର ସ୍ମୃତି ବଖାଣି ଭାବବିହ୍ୱଳ ହୋଇପଡ଼ିଥିଲେ। ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟ ତରଫରୁ ଏହି ତିନିଜଣ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା 'ଶିକ୍ଷକ ଗୌରବ ସମ୍ମାନ' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କୋଟି କୋଟି ଟଙ୍କା ଠକେଇ, ୩ ଗିରଫ

ପାରଳାଖେମୁଣ୍ଡି,(ନିପ୍ର): ପାରଳାଖେମୁଣ୍ଡି କେସ ନଂ-୦୨, ତା.୧୧.୦୬.୨୦୨୬, ଦଫା ୩୧୬(୨)/୩୧୮(୨)/୩୧୪/୨୯୬/୩୫୧(୨)/୩(୫) BNS ନଂ-୦୨/୨୦୨୬ର ତଦନ୍ତ କ୍ରମେ ତା.୦୪.୦୯.୨୦୨୬ରେ ପୋଲିସ କାଳୀ ପ୍ରସାଦ ପଣ୍ଡିତ (୫୪), ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି, ଅଶୋକ କୁମାର ମହାରଣା (୩୭), ରାଜଦାଣ୍ଡ ସାହି, ପାରଳାଖେମୁଣ୍ଡି ଏବଂ ସପନ କୁମାର ପାଣିଗ୍ରାହୀ (୫୭), ବକ୍ସି ସାହି, ପାରଳାଖେମୁଣ୍ଡିଙ୍କୁ ଗିରଫ କରିଛି। ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଠାରୁ ଗୋଷ୍ଠୀ ସଞ୍ଚୟ, ଋଣ କିସ୍ତି ଏବଂ ଅନ୍ୟାନ୍ୟ ଜମା ବାବଦରେ ସଂଗ୍ରହ କରାଯାଇଥିବା ଟଙ୍କାକୁ ଅଭିଯୁକ୍ତମାନେ ଠକେଇ ଓ ଆତ୍ମସାତ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ୨ କୋଟି ଟଙ୍କାରୁ ଅଧିକ ଜନସାଧାରଣଙ୍କ ଟଙ୍କା ଠକେଇ ଓ ଆତ୍ମସାତ ହୋଇଥିବା ଆକଳନ କରାଯାଇଛି। ଗିରଫ ହୋଇଥିବା ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଅଦାଲତକୁ ପଠାଯାଉଛି। ଟଙ୍କା କାରବାର, ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଏବଂ ଆତ୍ମସାତ ହୋଇଥିବା ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଉଦ୍ଧାର ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

ଯାଜପୁର,(ନିପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯାଜପୁର ନଗର ରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ବହୁ ଆଡ଼ମ୍ବରେ ପାଳିତ ହୋଇଛି। ଏହି ଅବସରରେ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ପାଠକରିବା ସହିତ ଭଗବାନଙ୍କର ପୂଜାପାଠ କରାଯାଇଥିଲା।ବିଦ୍ୟାଳୟର ଯୁଗ୍ମ ସମ୍ପାଦିକା ମନୋଜା ମଞ୍ଜରୀ ରାୟ ପୂଜାର ସଂକଳ୍ପ କରି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରାୟ ତିନି ଶହ ଶିଶୁ ଭାଇ ଭଉଣୀ ରାଧା କୃଷ୍ଣ ବେଶରେ ଉପସ୍ଥିତ ରହି ଉତ୍ସବକୁ ଅଧିକ ସରସ ସୁନ୍ଦର କରିଥିଲେ।ନୃତ୍ୟଗୀତର ଆସରରେ ବିଦ୍ୟାଳୟର ପରିବେଶ ଖୁବ୍ ଆନନ୍ଦ ମୁଖରିତ ହୋଇଥିଲା।ପରିଚାଳନା ସମିତିର ଉପ ସଭାପତି ଦାମୋଦର ବେହେରା , କୋଷାଧକ୍ଷ ଅକ୍ଷୟ କୁମାର ଦାସ, ରାଧା ବଲ୍ଲଭ ପଣ୍ଡା , ନିବେଦିତା ବେହେରା, ସହପ୍ରଧାନ ଆଚାର୍ଯ୍ୟ ଗଦାଧର ଧଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।ସାଂସ୍କୃତିକ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ଯଥା ଶିଶୁ ବାଟିକା ପ୍ରମୁଖା ସରୋଜିନୀ ମିଶ୍ର, ଶୁଭେନ୍ଦୁ ପତି, ସୂର୍ଯ୍ୟମଣି ପଣ୍ଡା,ଅନସୂୟା ପଣ୍ଡା ମାନସୀ ମିଶ୍ର ତଥା ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକାଙ୍କ ସମସ୍ତଙ୍କ ସହଯୋଗରେ ଆୟୋଜନ କରାଯାଇଥିଲା।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ସ୍ମୃତି ସମାରୋହ

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ଇଚ୍ଛାପୁର ଯାତ୍ରୀ ନିବାସ ପରିସରରେ ଧର୍ମ ରକ୍ଷା ଦିବସ ଅବସରରେ ବ୍ରହ୍ମଲୀନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧର୍ମଜାଗରଣ ସମନ୍ୱୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଧର୍ମ, ସଂସ୍କୃତି, ସମାଜ ଓ ଆଧ୍ୟାତ୍ମିକ କ୍ଷେତ୍ରର ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ କରିଥିଲେ। ସମାରୋହରେ ଶିବାନନ୍ଦ ଆଶ୍ରମ, ଗରାପୁରର ସାଧ୍ୱୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, କଥାକାର ତଥା ରାମଚରିତମାନସ ପଣ୍ଡିତ ହୃଷିକେଶ ରଥ, ଧ୍ରୁବଚରଣ ବେହେରା, ଚକାପାଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ବିଶିଷ୍ଟ ସମାଜସେବୀ ସ୍ୱାମୀ ବିଶ୍ୱସ୍ୱରୂପାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଧାର୍ମିକ, ସାମାଜିକ ଓ ଆଧ୍ୟାତ୍ମିକ ଅବଦାନ ଉପରେ ଆଲୋକପାତ କରିବା ସହ ଧର୍ମ ଓ ସଂସ୍କୃତିର ସୁରକ୍ଷା ଦିଗରେ ସମାଜର ଭୂମିକା ସମ୍ପର୍କରେ ମତ ରଖିଥିଲେ। ସ୍ୱାମୀଜୀଙ୍କ ଆଦର୍ଶ ଓ ସେବାମୂଳକ କାର୍ଯ୍ୟକୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ଏହି ଅବସରରେ ଧର୍ମଜାଗରଣ ଜିଲ୍ଲା ପ୍ରମୁଖ ରାଜେନ୍ଦ୍ର ଗିରି, ଜିଲ୍ଲା ସହ-ସଂଯୋଜକ ଶଶାଙ୍କ କୁମାର ଜେନା, ନଗର ପ୍ରମୁଖ ଅଭିଜିତ ଦାସ, ଜିଲ୍ଲା ପ୍ରଶାସନିକ ପ୍ରମୁଖ ମାଧବ ଚନ୍ଦ୍ର ପ୍ରଧାନ, ସମାଜସେବୀ ଶୁଭେନ୍ଦୁ ପତ୍ରି, ସୁଶୀଲ ଦାସ, ଲକ୍ଷ୍ମୀ ସାଗର ମହାନ୍ତି, ଜ୍ଞାନ ରଞ୍ଜନ ଦାସ, ପ୍ରଦୀପ ସାମଲ, ପଙ୍କଜ ପ୍ରଧାନ, ପୁନଃଚନ୍ଦ୍ର ଦାସ, ବିନୟ ସ୍ୱାଇଁ ଏବଂ ଛେଦ୍ରା ମଠାଧୀଶ ଯଶବନ୍ତ ମହାରାଜ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ଓ ବକ୍ତବ୍ୟ ରଖିଥିଲେ।

# ଅଙ୍ଗନବାଡି ଏବଂ ଟିଏଚ୍‌ଆର ୟୁନିଟ୍‌ରେ ଦିଆଯାଉଛି ନିମ୍ନମାନର ଖାଦ୍ୟ: ଅଧକ୍ଷା

**ରାୟଗଡ଼ା,(ନିପ୍ର):** ରାୟଗଡ଼ା ଜିଲ୍ଲାରେ ଶିଶୁ ଏବଂ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ଓ ପୁଷ୍ଟିହୀନତା ବଢୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିଲେ। ଶୁକ୍ରବାର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମୁଖା ଖୋଲିଛନ୍ତି ଖୋଦ୍ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା। ଦିନିକିଆ ରାୟଗଡ଼ା ଗସ୍ତରେ ବେଳେ ଗୁରୁବାର ଜିଲ୍ଲା ପ୍ରଶାସନ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି ଏବଂ ରାସନ ଟେକ ହୋ ୟୁନିଟ୍ ମାନଙ୍କରେ ଶିଶୁ, କିଶୋରୀ ବାଳିକା, ଯୁବତୀ ଓ ଗର୍ଭବତୀଙ୍କୁ ନିମ୍ନମାନର ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ଟିଏଚଆର ୟୁନିଟ୍ ପ୍ରଦାନ କରୁଥିବା ଖାଦ୍ୟକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ୨ ଦିନିଆ ରାୟଗଡ଼ା ଜିଲ୍ଲା ଗସ୍ତ ସମୟରେ ସେ ଡାକ୍ତରଖାନା, ବିଦ୍ୟାଳୟ ଏବଂ ଟିଏଚଆର ୟୁନିଟ୍ ଗୁଡିକୁ ଆକସ୍ମିକ ପରିଦର୍ଶନ କରି ଯାଞ୍ଚ କରିଥିଲେ ତୁରନ୍ତ ବର୍ତ୍ତମାନ ପୁଷ୍ଟିକର ଖାଦ୍ୟ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ୍ ଦେଇ ନୂତନ ଭାବେ କୌଣସି ସଂଗଠନକୁ ଦାୟିତ୍ୱ ଦିଆଯାଉ ବୋଲି ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଛତୁଆ ଯୋଗାଇ ଦିଆଯାଇଛି ତାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଯେଉଁମାନେ ଭଲ ଖାଦ୍ୟ ଯୋଗାଇ ପାରିବେ ସେ ଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ରାୟଗଡ଼ା ଜିଲ୍ଲାରେ ୨୦୮୭ଟି ଅଙ୍ଗନବାଡି କେନ୍ଦ୍ରର ହିଁ ୧୯ଟି ଟିଏଚଆର ପୁଷ୍ଟିକର ଖାଦ୍ୟ ପ୍ରଦାନ କରୁଛି। ଜିଲ୍ଲାରେ ପ୍ରାୟ ୬୫ ହଜାର ହିତାଧିକାରୀ ଟିଏଚଆର ୟୁନିଟରୁ ପୁଷ୍ଟିକର ଖାଦ୍ୟ ପାଉଛନ୍ତି। ହଷ୍ଟେଲ ଗୁଡିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଡାଇନିଂ ରୁମ୍ ଓ ଶୌଚାଳୟ ଗୁଡିକ ନିର୍ମାଣ କରି ଆବାସିକ ବିଦ୍ୟାଳୟର ଅନ୍ତେବାସୀଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାର ଗୁଣପୁର ଓ ରାୟଗଡ଼ା ଆଟିଡିଏର ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବେସରକାରୀ ଅଧାପକ କର୍ମଚାରୀ ସଂଘର କଳା ଦିବସ

ବୋଲଗଡ,(ନିପ୍ର): ଓଡିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘ, ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ଼, ଜିଲ୍ଲା ଖୋର୍ଦ୍ଧା ଶାଖାର ଅଧାପକ, ଅଧାପିକା ଓ କର୍ମଚାରୀ ମାନଙ୍କ ତରଫରୁ ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ବେସରକାରୀ



ମହାବିଦ୍ୟାଳୟମାନଙ୍କରେ ୨୦୦୮ ପରେ ନିଯୁକ୍ତି ପାଇଥିବା ଅଧାପକ କର୍ମଚାରୀମାନଙ୍କ ପାଇଁ ଅନୁଦାନ ନୀତି ୨୦୦୮-୨୦୧୮ ପ୍ରଣୟନ ପାଇଁ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରାଯାଇଛି। ଆସନ୍ତା ଦିନରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ସମସ୍ତ ଅଣ ଅନୁଦାନ ସଦସ୍ୟ / ସଦସ୍ୟାମାନେ ଦୃଢ ପ୍ରତିଜ୍ଞା କରିଛନ୍ତି।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା: ଆନ୍ଦୋଳନ ଚେତାବନୀ

କଣ୍ଟିଲୋ, (ନିପ୍ର): ଖଣ୍ଡପଡା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଡାକ୍ତର, ଫାର୍ମାସିଷ୍ଟ ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଖପାଖ ଅଞ୍ଚଳର ଜନସାଧାରଣ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ମାସମାସ ଧରି ବଞ୍ଚିତ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ସଂପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ଦଶପଲ୍ଲା, ଖଣ୍ଡପଡ଼ା ଓ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଜଣାପଡିଛି।




ସେହିପରି ନିରାମୟ ଯୋଜନାରେ ରୋଗୀମାନଙ୍କୁ ଠିକ ରୁପେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ମିଳୁନଥିବା ବାରମ୍ବାର ଅଭିଯୋଗ ହେଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ମାସ ମାସ ଧରି ଅଳିଆ ଆବର୍ଜନା ଉଠାଯାଉ ନ ଥିବା ନଜରକୁ ଆସୁଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ଶହଶହ ଜନସାଧାରଣ ସର୍ବଦା ନିର୍ଭର କରୁଥିବା ବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରୟତି ଢୋଲମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବୈଜୟନ୍ତୀ ମାଳା ମହାନ୍ତି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖା ଦେଇଥିବା ବିଭିନ୍ନ ଅବ୍ୟବସ୍ଥା ଓ ଅଭାବ, ଅସୁବିଧା ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି କଂଗ୍ରେସ ନେତ୍ରୀ ଶ୍ରୀମତି ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ତିଥି :(ନବମୀ): (ମୃଗଶିରା ବୃଷ)
ଅମୃତ ବେଳା: ଦିବା ଘ ୯ ।୩୫ ଗତେ ଘ୧୨ ।୪୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଆଶ୍ରିତ ଭକ୍ତ ମୋ କୃପାରୁ ଶାଶ୍ୱତ ଅବିନାଶୀ ପଦ ପ୍ରାପ୍ତ ହୁଏ।
- ଶ୍ରୀମଦ୍ ଭଗବଦ୍ ଗୀତା

## କରୁଣା ଓ ସଚେତନତା

ଗତ ମାସ ଶେଷ ସପ୍ତାହରେ ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ ଖମାର ବଜାର ଛକରେ ୧୫ବର୍ଷୀୟ ଜଣେ ସ୍କୁଲ ଛାତ୍ରଙ୍କୁ ଧକ୍କା ଦେଇଥିଲା ଏକ ଦ୍ରୁତଗାମୀ ଟ୍ରକ। ବଡ଼ ହୃଦୟ ବିଦାରକ ଥିଲା ସେ ଦୃଶ୍ୟ। ଶରୀରର କ୍ଷତାକ୍ତ ଅଂଶରୁ ଧାର ଧାର ହୋଇ ରକ୍ତ ବୋହି ଚାଲିଥିଲା। ଉଠି ଠିଆ ହେବାକୁ ତାର ଦେହରେ ଆଉ ଜୁ ନ ଥିଲା। ପିଲାଟି 'ମୋତେ ବଞ୍ଚାଅ, ମୋତେ ବଞ୍ଚାଅ' ଆକୁଳ ଭାବରେ କାକୁତି ମିନତି ହେଉଥିବାବେଳେ ଜମା ହୋଇଥିବା ଦେଖଣାହାରୀଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ମୋବାଇଲରେ ଭିଡିଓ ସୁଟ୍ କରୁଥିଲେ। କେହି ଜଣେ ତାକୁ ଉଠାଇ ନେଇ ଡାକ୍ତରଖାନାରେ ପହଞ୍ଚାଇନଥିଲେ। ମାନବିକତା ହରାଇଥିଲେ ସେହି ସବୁ ଦେଖାଣହାରୀ। ଉଠାଇଥିବା ଭିଡିଓ ହୁଏତ ସେମାନେ ଏବେ ଡିଲିଟ୍ କରିଥିବେ ବା କେହି କେହି ରଖିଥିବେ। କିନ୍ତୁ ବଡ଼ ଦୁର୍ଭାଗ୍ୟଜନକ କାହାରି ଅନ୍ତରରୁ କରୁଣାର ବାରି ଟୋପେ ଝରିଲାନି, ବରଂ ନିଷ୍ଠୁର - ନିର୍ଦ୍ଦୟ ହେଲେ। ଏହି ଜଘନ୍ୟ ମାନସିକତା ଆମ ସାମାଜିକ ଦୁର୍ଗତି ତଥା ଅଧୋପତନର ଏକ ମର୍ମାନ୍ତିକ ଦୃଶ୍ୟପଟ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରାୟ ୧୫ ମିନିଟ୍ ଧରି ପିଲାଟି ଛଟପଟ ହେଲା, ପରେ ସବୁଦିନ ପାଇଁ ଆଖିବୁଜିଲା। ଯେଉଁମାନେ ଭିଡିଓ ଉତ୍ତୋଳନ କରିଥିଲେ, ସେମାନଙ୍କ ଅନ୍ତରରୁ ଆହା ପଦଟିଏ ବାହାରିଲା ନାହିଁ। ଠିକଣା ସମୟରେ ଯଦି ଡାକ୍ତରଖାନାରେ ପହଞ୍ଚାଇ ଥାଆନ୍ତେ ତେବେ ମାନବିକତା କ'ଣ ତାହା ପ୍ରକଟିତ ହୋଇଥାନ୍ତା।

ଏହାରି ମଧ୍ୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦୁର୍ଘଟଣାଜନିତ ସହାୟତା ନେଇ ୨୦୧୫ ମସିହାର ପୁରୁଣା ନିୟମକୁ ସଂଶୋଧନ କରି ରାଜ୍ୟ ସରକାର ଯେଉଁ ନୂଆ ନିର୍ଦ୍ଦେଶାବଳୀ ଘୋଷଣା କରିଛନ୍ତି, ପଦ ଅନୁଯାୟୀ ଶିକ୍ଷାର୍ଥୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଅବା ଅକ୍ଷମ ହେଲେ ୨ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ମିଳିବ। ପୁଣି ଦୁର୍ଘଟଣା ପରିସର ମଧ୍ୟରେ ବିଦ୍ୟାଳୟ କୋଠାଜନିତ ଦୁର୍ଘଟଣା, ମଧ୍ୟାହ୍ନଭୋଜନ ଜନିତ ବିଷକ୍ରିୟା, ବିଦ୍ୟାଳୟ ସଂପର୍କିତ କାର୍ଯ୍ୟକଳାପ ବେଳେ ମୃତ୍ୟୁ ଅଥବା ସ୍ଥାୟୀ ଭିନ୍ନକ୍ଷମ ହେଲେ ୨ଲକ୍ଷ ଟଙ୍କା ସଂପୃକ୍ତ ମୃତକଙ୍କ ପରିବାରକୁ ଯୋଗାଇ ଦିଆଯିବ। ଅନୁକମ୍ପା ରାଶି ୨୪ ଘଣ୍ଟା ମଧ୍ୟରେ ମିଳିବ। ସରକାରଙ୍କ ଏହି ପଦକ୍ଷେପ ଯେତିକି ସ୍ୱାଗତଯୋଗ୍ୟ ସେତିକି ଆହ୍ୱାନମୂଳକ କୁହାଯାଇପାରେ। ଏବେ ଆମ ରାଜ୍ୟରେ ବହୁ ବିଦ୍ୟାଳୟ କୋଠା ବିପଦାପନ୍ନ ହୋଇରହିଛି। ବିଶେଷ କରି ଦୁର୍ଗମ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଅଧିକାଂଶର ରକ୍ଷଣାବେକ୍ଷଣ ନିୟମିତ ହୋଇପାରୁନଥିବା କାରଣରୁ ଯେତେବେଳେ ହେଲେ ବି ବିପଦ ଘଟିପାରେ ଏ ସଂପର୍କରେ ବହୁ ସମୟରେ ଗଣମାଧ୍ୟମରେ ଅଭିଯୋଗ ହୋଇଆସିଛି। ପୁଣି ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସ୍ଥଳରେ ଆବଶ୍ୟକ ସାବଧାନତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରାଯାଉଛି କି ନାହିଁ ସେଥିନେଇ ନିୟମିତ ବ୍ୟବଧାନରେ ତଦାରଖ ଲୋଡ଼ା ପଡୁଛି। ଏହା ବ୍ୟତୀତ ପ୍ରତି ବିଦ୍ୟାଳୟ ନିକଟ ଅଞ୍ଚଳରେ ରାସ୍ତା ପାରି ହେବା ସ୍ଥାନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ନିମିତ୍ତ ସତର୍କ ସୂଚନା ସବୁଠି ଅଛି କି ନାହିଁ ତାହାର ଯାଞ୍ଚ ଓ ନ ଥିଲେ ତ୍ୱରିତ୍ ପଦକ୍ଷେପ ଆବଶ୍ୟକ। ଏ ବାବଦରେ ରାଜ୍ୟ ସରକାର ହେଲ୍ପ ଲାଇନ ଜାରି କଲେ, ବିଭିନ୍ନ ଅଞ୍ଚଳରୁ ଖବର ମିଳିପାରିବ ଏବଂ ଏହି ଅନୁଯାୟୀ ସମାଧାନ ପାଇଁ ସରକାର ତତ୍ପର ହୁଅନ୍ତେ। ସଡ଼କ ଶୃଙ୍ଖଳା, ଟ୍ରାଫିକ ନିୟମ ତଥା ପାରିପାର୍ଶ୍ୱିକ ବିପଦ, ଖାଦ୍ୟ ବିଷାୟନରୁ ବର୍ତ୍ତିବା ପାଇଁ ବାହାର ଖାଦ୍ୟ ନ ଖାଇବା ଇତ୍ୟାଦି ନେଇ ବ୍ୟାପକ ସଚେତନତା ସୃଷ୍ଟି ଦିଗରେ ରାଜ୍ୟ ସରକାର ତତ୍ପର ହେଲେ ଅନ୍ତତଃପକ୍ଷେ ସମ୍ଭାବ୍ୟ ଅଘଟଣ ନିୟନ୍ତ୍ରିତ ହୋଇପାରନ୍ତା।

## ଶିକ୍ଷିତ ରାଷ୍ଟ୍ରବିନା 'ବିଶ୍ୱଗୁରୁ' ଅବଧାରଣା ମୂଲ୍ୟହୀନ

### ଗୋପାଳ ମହାପାତ୍ର

ଆମ ଦେଶରେ ବିଗତ ଏକ ଦଶନ୍ଧି ହେବ କୁହାଯାଉଛି ଯେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି। ଏହି ବିମର୍ଶର ସମାନାନ୍ତାର ଭାବେ ବର୍ତ୍ତମାନ ଦେଶର ଶିକ୍ଷାକୁ ନେଇ ମଧ୍ୟ ବ୍ୟାପକ ଆଲୋଚନା ସମାଲୋଚନା ଚାଲିଛି। ଏଣୁ ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ'ଣ ଶିକ୍ଷା ବିନା ଭାରତ ବିଶ୍ୱଗୁରୁ ହୋଇପାରିବ ? ଦେଶର ନୀତି ଆୟୋଗ ଏବଂ ଶିକ୍ଷା ମନ୍ତ୍ରାଳୟର ରିପୋର୍ଟରୁ ଜଣାପଡ଼େ ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ୯୪ହଜାର ସରକାରୀ ସ୍କୁଲକୁ ପୂରାପୂରି ବନ୍ଦ କରାଯାଇଛି ଅଥବା ଅନ୍ୟସ୍କୁଲ ସହ ମିଶାଇ ଦିଆଯାଇଛି। ୟୁନିଫାଏଡ଼ ଡିଷ୍ଟ୍ରିକ୍ଟ ଇନଫରମେଶନ ସିଷ୍ଟମ ଫର ଏଜୁକେସନ ପକ୍ଷରୁ ପ୍ରକାଶିତ ଏକ ତାଜା ରିପୋର୍ଟ ଅନୁସାରେ ବିଗତ ବର୍ଷକ ମଧ୍ୟରେ ଦେଶର ୪୭୯୧ ଟି ସ୍କୁଲକୁ ବନ୍ଦ କରି ଦିଆଯାଇଛି। ସରକାରୀ ସ୍କୁଲ ବନ୍ଦ ହେବା କାରଣରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଘରୋଇ ସ୍କୁଲ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଫଳତଃ ଶିକ୍ଷା ଏବେ ବହୁ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଅପହଞ୍ଚ ହୋଇଯାଇଛି। ଏବେ ଯେଉଁ ସରକାରୀ ସ୍କୁଲ ରହିଛି ସେଥିମଧ୍ୟରୁ ଅଧିକାଂଶ ସ୍କୁଲର ଅବସ୍ଥା ମଧ୍ୟ କହିଲେ ନ ସରେ। ଏକଥା ସରକାର ଓ ପ୍ରଶାସନଙ୍କୁ ଯେ ଅଜଣା ସେକଥା ନୁହେଁ।କାରଣ କ'ଣ ଯେଉଁଥିପାଇଁ ଦେଶର ଅନେକ ସରକାରୀ ସ୍କୁଲର ଅବସ୍ଥା ଖରାପ ? ଅନେକ ସରକାରୀ ସ୍କୁଲରେ ଶ୍ରେଣୀଗୃହର ଅଭାବ ତ ଆଉ କେଉଁଠି ଶିକ୍ଷକଙ୍କ ଅଭାବ ରହିଛି। ଅନେକ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ପାନୀୟ ଜଳ ନାହିଁ ତ ଆଉ କେତେକ ସ୍କୁଲରେ ଶୌଚାଳୟ ବ୍ୟବସ୍ଥା ନାହିଁ। ଅନେକ ଅଞ୍ଚଳର ପିଲାମାନେ ନଦୀ ପାର ହୋଇ ଅଥବା କାଦୁଅ ପଙ୍କର ରାସ୍ତାରେ ସ୍କୁଲ ଯାଉଛନ୍ତି। ଯଦି ଦେଶର ସରକାର ଶିକ୍ଷା ପ୍ରତି ଗୁରୁତ୍ୱ ଦେଉଥାନ୍ତେ ଏବଂ ଭାରତକୁ ବିଶ୍ୱଗୁରୁ ହେବାର ଡେଙ୍ଗୁରା ପିଟୁନଥାନ୍ତେ ତେବେ ସୁପ୍ରିମ୍ କୋର୍ଟ ଏ ପ୍ରସଙ୍ଗକୁ ନେଇ ଚିନ୍ତା ବ୍ୟକ୍ତ କରିନଥାନ୍ତେ। ସୁପ୍ରିମ କୋର୍ଟର ବିଚାରପତି ପ୍ରସନ୍ନା ବି ବରାଳ ଏ ବାବଦରେ କ୍ଷେଦୋକ୍ତି ପ୍ରକାଶ କରିଛନ୍ତି। ବିଚାରପତି ପ୍ରସନ୍ନା କହିଛନ୍ତି ଯେ ଦେଶରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ଦେଶର ଶିକ୍ଷା ବଜେଟ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ଏହି ବିଚାରପତି କହିଛନ୍ତି ଯେ ସରକାର ଏକଥା ଭୁଲିଯିବା ଉଚିତ ନୁହେଁ ଯେ ପ୍ରାଥମିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସବୁ ନାଗରିକଙ୍କର ମୂଳଭୂତ ଅଧିକାର ଅଟେ।

ଦେଶରେ ବେରୋଜଗାରି ବଢୁଛି, ଶିକ୍ଷଣ ସଂସ୍ଥାର ହ୍ରାସ ଏବଂ ଦୁର୍ଦ୍ଦଶା ତଥା ପରୀକ୍ଷା ବ୍ୟବସ୍ଥାରେ ହେଉଥିବା ଅନିୟମିତତା ଏବଂ ପେପରଲିକ୍ ଭଳି ଘଟଣା ଏବେ ଦେଶର ଯୁବବର୍ଗଙ୍କୁ ଆନ୍ଦୋଳନ କରିବାକୁ ଏକ ପ୍ରକାର ବାଧ୍ୟ କରିଦେଇଛି। ୨୦୨୨ ମସିହା ଅକ୍ଟୋବରରେ ଗୁଜରାଟର ଏକ ଘଟଣାର ଅବତାରଣା କରାଯିବା ଏଠାରେ ପ୍ରାସଙ୍ଗିକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ ଅକ୍ଟୋବରରେ ଗାନ୍ଧୀନଗର ଠାରେ 'ମିଶନ ସ୍କୁଲ ଅଫ ଏକସିଲେନସି'ର ଶୁଭାରମ୍ଭ କରିଥିଲେ। ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏହି ଯୋଜନା ଅନୁସାରେ ଗୁଜରାଟର ସରକାରୀ ସ୍କୁଲ ଗୁଡିକରେ ସ୍ମାର୍ଟକ୍ଲାସରୁମ, କମ୍ପ୍ୟୁଟର ଲ୍ୟାବ ଏବଂ ଡିଜିଟାଲ ବୁନିଆଦି ଢାଞ୍ଚାର ଆଧୁନୀକି କରଣ କରାଯିବ। କିନ୍ତୁ ସରକାରୀ ଅଧିକାରୀମାନେ ଏ ପ୍ରସଙ୍ଗରେ କହିଥିଲେ ଯେ ଭବିଷ୍ୟତରେ ଦେଶରେ ଏହିଭଳି ସ୍କୁଲକୁ ନିର୍ମାଣ କରାଯିବ ଯାହାର ମଡ଼େଲକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ୨୦୨୨ରୁ ୨୦୨୬ମଧ୍ୟରେ ମିଶନ ସ୍କୁଲ ଅଫ ଏକସିଲେନସି ଯୋଜନାରେ ଦେଶରେ କେତେ ଆଧୁନିକ ସ୍କୁଲ ନିର୍ମାଣ କରାଯାଇଛି ?ଦେଶର ଆର୍ଥିକ ବିକାଶ ହାର ବଢ଼ିବା ପର୍ଯ୍ୟପ୍ତ ନୁହେଁ ବରଂ ମାନବ ସଂଶୋଧନର ବିକାଶ ପାଇଁ ଉଦ୍ୟମ କରାଯିବା ଉଚିତ୍। ଶିକ୍ଷା ପାଇଁ ବଜେଟରେ ଅଧିକ ଅର୍ଥ ଆବଣ୍ଟନ ଭାରତର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଏକ ଆବଶ୍ୟକତା। ଶିକ୍ଷା ରାଷ୍ଟ୍ରର ସାମାଜିକ ଆର୍ଥିକ ଏବଂ ସାଂସ୍କୃତିକ ବିକାଶର ଆଧାରଶୀଳା ଅଟେ। କୌଣସି ବି ଦେଶ ସେ ପର୍ଯ୍ୟନ୍ତ ବିକଶିତ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ଦେଶର ଶିକ୍ଷା ବ୍ୟବସ୍ଥା ମଜଭୁତ, ସମାବେଶୀ ଏବଂ ଗୁଣବତ୍ତାପୂର୍ଣ୍ଣ ନ ହୋଇ ପାରିଛି। ଭାରତ ବିଶ୍ୱର ସବୁଠାରୁ ଅଧିକ ଯୁବବର୍ଗ (ଜନସଂଖ୍ୟା) ଥିବା ଦେଶ ମଧ୍ୟରୁ ଅନ୍ୟତମ। ଯଦି ଯୁବଶକ୍ତିକୁ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ଦିଆଯାଇପାରିବ ତେବେ ଦେଶ ଶିକ୍ଷିତ ହୋଇପାରିବ ଓ ଦେଶ ଶିକ୍ଷିତ ହେଲେ ହିଁ ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି ଆମେ ସ୍ୱପ୍ନ ଦେଖିବା। ଶିକ୍ଷିତ ରାଷ୍ଟ୍ର ବିନା ବିଶ୍ୱଗୁରୁର ଅବଧାରଣାର କିଛି ମୂଲ୍ୟ ନାହିଁ।

ମୋ:୯୪୩୮୪୮୫୦୯୪

# ଆମେରିକା ନିୟନ୍ତ୍ରଣରେ ଭେନେଜୁଏଲା ତୈଳ ଭଣ୍ଡାର

### ଡ. ପ୍ରମୋଦ କୁମାର ପଣ୍ଡା

**"ଆମେରିକା-ଭେନେଜୁଏଲା ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଯାହା ଆମେରିକାକୁ ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାରକୁ ପ୍ରବେଶ କରିବାର ସୁଯୋଗ ଦେବ। ଭେନେଜୁଏଲାର ୬୫ ବିଲିୟନ ବ୍ୟାରେଲ ତୈଳ ଭଣ୍ଡାର ଉପରେ ଆମେରିକାର ନିୟନ୍ତ୍ରଣ ରହିବ। ସତର ଗୋଟି ତୈଳ କ୍ଷେତ୍ର ବିକଶିତ ହେବ। ଭେନେଜୁଏଲା ତୈଳ ଶିଳ୍ପରେ ୧୦୦ ବିଲିୟନ ଡଲାରର ନିବେଶ ଓ ୨୦୯ ବିଲିୟନ ଡଲାରରୁ ଅଧିକ ରାଜସ୍ୱ ସୃଷ୍ଟିର ସୁଯୋଗ ଆଣିପାରିବ। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଓ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଏବଂ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୀର୍ଘ ଛଅ ମାସ ହେଲା ଆମେରିକା-ଇରାନ ଯୁଦ୍ଧ ଚାଲିଛି। ଆମେରିକାରେ ତେଲ ନିଅଣ୍ଟ ପଡ଼ିଛି। ଦର ବଢିଛି। ଯୁଦ୍ଧ ପାଇଁ ଆମେରିକାର ନାଗରିକ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି।"**

ଭେନେଜୁଏଲା ଦକ୍ଷିଣ ଆମେରିକାର ଏକ ସ୍ୱତନ୍ତ୍ର ରାଷ୍ଟ୍ର। ତୈଳସମ୍ପଦ ସମ୍ପନ୍ନ ଦେଶ। ଏଠାରେ ମୋଟ ୩୦୩ ବିଲିୟନ ବ୍ୟାରେଲର ଅଶୋଧିତ ତୈଳ ଭଣ୍ଡାର ରହିଛି। ଅନ୍ୟ ଦେଶମାନଙ୍କ ତେଲ ତୁଳନାରେ ଏଠିକାର ତେଲ ଅପେକ୍ଷାକୃତ ନିମ୍ନମାନର। ଭେନେଜୁଏଲା ତେଲରେ ପ୍ରାୟ ୪% ରୁ ଅଧିକ ଗନ୍ଧକ ମିଶିଥାଏ। ତେଣୁ ଏହା ଖୁବ ଭାରୀ, ଗାଢ଼ା ଏବଂ ଖଟା। କମ୍ ଗୁଣବତ୍ତା ଯୋଗୁଁ ଭେନେଜୁଏଲା ତେଲ ଟିକିଏ ଶସ୍ତାରେ ମିଳିଥାଏ। ଆମେରିକା ନିଜ ଦେଶରେ ସେଲ୍ ଅଏଲ ଉତ୍ପାଦନ କରିଥାଏ। ଏହା ଅତ୍ୟନ୍ତ ହାଲୁକା ଓ ପତଳା ହୋଇଥିବାରୁ ଭଲ ଡିଜେଲ, ଜେଟ ଫ୍ୟୁଏଲ ଏବଂ କୋଲତାର୍ ପ୍ରସ୍ତୁତ ପାଇଁ ଅନୁପଯୁକ୍ତ। ଗୁଣାତ୍ମକ ତେଲ ଉତ୍ପାଦନ ପାଇଁ ଏଥିରେ ଭେନେଜୁଏଲା ତେଲ ବ୍ଲେଣ୍ଡିଙ୍ଗ କରି ବିଶୋଧନ କରାଯାଏ।

ଆମେରିକା ପାଖରେ ନିଜର ପ୍ରଚୁର ପରିମାଣର କଞ୍ଚା ତେଲ ଥିବା ସତ୍ତ୍ୱେ ସେଥିପାଇଁ ତାକୁ ଭେନେଜୁଏଲା ତେଲ ଉପରେ ନିର୍ଭର କରିବାକୁ ପଡ଼େ। ଏତଦ୍‌ବ୍ୟତୀତ ଆମେରିକାର ମେକ୍ସିକୋ ଗଲ୍ଫ କୋଷ୍ଟରେ ଥିବା ବଡ଼ ବଡ଼ ତୈଳ



ଶୋଧନାଗାରଗୁଡ଼ିକ ବିଶେଷ ଭାବରେ ଭାରି ଓ ମୋଟା କଞ୍ଚା ତେଲ ସଫା କରିବା ପାଇଁ ତିଆରି ହୋଇଛି। ମୋଟା ଭେନେଜୁଏଲା ତେଲ ଏହି ରିଫାଇନେରୀଗୁଡ଼ିକ ପାଇଁ ସବୁଠାରୁ ଉପଯୁକ୍ତ। ସାଉଦି ଆରବ ବା ଇରାକରୁ ଆମେରିକାକୁ ତେଲ ଆଣିବାକୁ ହେଲେ ଜାହାଜକୁ ବହୁତ ଦୂର ଯାତ୍ରା କରିବାକୁ ପଡ଼େ। ଅଧିକ ସମୟ ଲାଗେ। ଭଡ଼ା ଖର୍ଚ୍ଚ ବଢ଼େ। ଭେନେଜୁଏଲା ଆମେରିକାର ନିକଟବର୍ତ୍ତୀ ଦେଶ। ସେଠାରୁ ଅଳ୍ପ ଦିନରେ ଜାହାଜ ଆମେରିକା ଉପକୂଳରେ ପହଞ୍ଚିଯାଇଥାଏ। ଫଳତଃ ପରିବହନ ଖର୍ଚ୍ଚ ବହୁତ କମିଯାଏ। ଭେନେଜୁଏଲା ତେଲ ଅଧିକ ସଲଫର ଯୁକ୍ତ। ଖରାପ ଗୁଣବତ୍ତା। ସେଠାକାର ରାଜନୈତିକ ସ୍ଥିତି ଠିକ୍ ନାହିଁ। ତେଣୁ ଅନ୍ତର୍ଜାତୀୟ ବଜାରରେ ଭେନେଜୁଏଲା ତେଲ ବିଶ୍ୱର ଅନ୍ୟ ତେଲ ତୁଳନାରେ ବହୁତ ଶସ୍ତା ବା ରିହାତି ଦରରେ ମିଳିଥାଏ। ଆମେରିକୀୟ କମ୍ପାନୀଗୁଡ଼ିକ ଏଥିରୁ ଅଧିକ ଲାଭ ମଧ୍ୟ ପାଇଥାନ୍ତି। ନିଜ ଦେଶର ତେଲ ଆବଶ୍ୟକତା ପୂରଣ ପାଇଁ ଆମେରିକା କେବଳ ଓପେକ କିମ୍ବା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରିବାକୁ ଚାହେଁ ନାହିଁ। ଭେନେଜୁଏଲା ଭଳି ବିଶ୍ୱର ସବୁଠାରୁ ବଡ଼ ତେଲ ଭଣ୍ଡାର ଥିବା ଦେଶ ନିଜ ପାଖାପାଖି ଥିବାରୁ ଆମେରିକା ନିଜର ଆଞ୍ଚଳିକ ପ୍ରଭାବ ଏବଂ ଶକ୍ତି ସୁରକ୍ଷା ବଜାୟ ରଖିବା ପାଇଁ ଏହାକୁ ନିଜ ଆୟତ୍ତରେ ରଖିବାକୁ ଚାହେଁ। ସରଳ, ସହଜ ଭାଷାରେ କହିବାକୁ ଗଲେ ଆମେରିକାକୁ ନିଜ ରିଫାଇନେରୀଗୁଡ଼ିକୁ ଚଳାଇବା ପାଇଁ ଭାରି ତେଲର ଆବଶ୍ୟକତା ରହିଛି। ଭେନେଜୁଏଲା ହେଉଛି ତା'ର ସବୁଠାରୁ ସହଜ, ଶସ୍ତା ଓ ନିକଟତମ ବିକଳ୍ପ।

ଆମେରିକା-ଭେନେଜୁଏଲା ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଯାହା ଆମେରିକାକୁ ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାରକୁ ପ୍ରବେଶ କରିବାର ସୁଯୋଗ ଦେବ। ଭେନେଜୁଏଲାର ୬୫ ବିଲିୟନ ବ୍ୟାରେଲ ତୈଳ ଭଣ୍ଡାର ଉପରେ ଆମେରିକାର ନିୟନ୍ତ୍ରଣ ରହିବ। ସତର ଗୋଟି ତୈଳ କ୍ଷେତ୍ର ବିକଶିତ ହେବ। ଭେନେଜୁଏଲା ତୈଳ ଶିଳ୍ପରେ ୧୦୦ ବିଲିୟନ ଡଲାରର ନିବେଶ ଓ ୨୦୯ ବିଲିୟନ ଡଲାରରୁ ଅଧିକ ରାଜସ୍ୱ ସୃଷ୍ଟିର ସୁଯୋଗ ଆଣିପାରିବ। ଆମେରିକୀୟ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଓ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଏବଂ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୀର୍ଘ ଛଅ ମାସ ହେଲା ଆମେରିକା-ଇରାନ ଯୁଦ୍ଧ ଚାଲିଛି। ଆମେରିକାରେ ତେଲ ନିଅଣ୍ଟ ପଡ଼ିଛି। ଦର ବଢିଛି। ଯୁଦ୍ଧ ପାଇଁ ଆମେରିକାର ନାଗରିକ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ଶୀଘ୍ର ଯୁଦ୍ଧ ସମାପ୍ତ ପାଇଁ ଉଦ୍‌ଘୋଷ ଜାରି ରଖିଛନ୍ତି। ସାଧାରଣ ଖାଉଟି ତେଲ ଦର ହ୍ରାସ କରିବାକୁ ତାଙ୍କ ଉପରେ ଘରୋଇ ଚାପ ସୃଷ୍ଟି କରୁଛନ୍ତି। ଅଗଷ୍ଟ ଆରମ୍ଭରେ ତାଙ୍କ ଦେଶର ତୈଳ ଭଣ୍ଡାର ୩୦୦ ନିୟୁତ ବ୍ୟାରେଲ ତଳକୁ ଖସିଯାଇଥିଲା।

ଜାନୁଆରୀରେ ନିକୋଲାସ ମାଦୁରୋ ଗାଦିଚ୍ୟୁତ ହୋଇଥିଲେ। ତାଙ୍କୁ ନାରକୋ, ଆତଙ୍କବାଦ ଓ ଡ୍ରଗ୍ସ ତସ୍କରି ଆରୋପରେ ଅତର୍କିତ ଆକ୍ରମଣ କରି ସପତ୍ନୀକ ଗିରଫ କରାଯାଇଥିଲା। ବର୍ତ୍ତମାନ ସିଏ ଆମେରିକା ଜେଲରେ। ତାଙ୍କ ବିରୋଧରେ ମୋକଦ୍ଦମା ଦାୟର ହୋଇଛି। ଆମେରିକୀ ଅଦାଲତରେ ଶୁଣାଣି ଚାଲିଛି। ଏପଟେ ଆମେରିକା ତାର (କୂଟ) ନୈତିକ ରଣନୀତି ବଳରେ ଭେନେଜୁଏଲା ତୈଳ ଭଣ୍ଡାର ନିଜ ନିୟନ୍ତ୍ରଣକୁ ଆଣିବା ପ୍ରୟାସ ଜାରି ରଖିଛି। ନିକୋଲାସ ମାଦୁରୋଙ୍କ ଗିରଫ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ ଆମେରିକୀୟ ତୈଳ କମ୍ପାନିଗୁଡ଼ିକୁ ଭେନେଜୁଏଲାକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି ହୁଗୋ ଚାଭେଜ୍ ଆମେରିକୀୟ ତୈଳ କମ୍ପାନିଗୁଡ଼ିକ ସମେତ ଶହ ଶହ ବିଦେଶୀ ମାଲିକାନା ସମ୍ପତ୍ତିର ଜାତୀୟକରଣ କରିଥିଲେ। ରାଜନୈତିକ ଅନିଶ୍ଚିତତା ଏବଂ ଦଶନ୍ଧି ଧରି ଚାଲିଥିବା ଭିତ୍ତିଭୂମି କ୍ଷତି ଯୋଗୁଁ ପ୍ରମୁଖ ତୈଳ କମ୍ପାନିଗୁଡ଼ିକୁ ଏହି ଅଞ୍ଚଳକୁ ଫେରାଇ ଆଣିବା ସହଜ ନୁହେଁ। କାରଣ କ୍ଷତିଗ୍ରସ୍ତ ଭିତ୍ତିଭୂମି ମରାମତି ଓ ପୁନଃନିର୍ମାଣରେ ବର୍ଷାଧିକ ସମୟ ଲାଗିବ। କୋଟି କୋଟି ଡଲାର ଧନରାଶି ଖର୍ଚ୍ଚ ହେବ। ତେବେ ସେ ଯାହା ବି ହେଉନା କାହିଁକି ଭେନେଜୁଏଲା ଆକ୍ରମଣ ପଛରେ ତେଲର ଖେଳ ଧୀରେଧୀରେ ସ୍ପଷ୍ଟ ହେଉଛି। ଆମେରିକା-ଇରାନ ଯୁଦ୍ଧରେ ମଧ୍ୟ ସମାନ ଅଭିସନ୍ଧି ଥାଇପାରେ। 'ମେକ ଆମେରିକା ଗ୍ରେଟ ଏଗେନ' ନାରା ପଛର ଲୁକ୍କାୟିତ ଅଭିପ୍ରାୟ ରାଷ୍ଟ୍ରବାଦ ଅପେକ୍ଷା ଅଧିକ ବ୍ୟକ୍ତିବାଦ ଓ ପରିବାରବାଦ ନୁହେଁ ତ ? ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଜଣେ ସଫଳ ବ୍ୟବସାୟୀ। ସମ୍ପ୍ରତି ବ୍ୟବସାୟ ଓ ରାଜନୀତିର ଏକତ୍ରୀକରଣ କରି ସେ ନିଜକୁ ଜଣେ ସଫଳ ବ୍ୟାବସାୟିକ-ରାଜନେତା ରୂପେ ସିଦ୍ଧ କରିବାର ବିଫଳ ପ୍ରୟାସ କରୁନାହାନ୍ତି ତ ? ଦେଖାଯାଉ ଡୋନାଲଡ ଟ୍ରମ୍ପଙ୍କ ଟାଣ କେତେ ଦିନ ରହୁଛି। ଆଗାମୀ ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ପରିଣାମ କଣ ହେଉଛି ?

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର
ମୋ- ୭୯୭୮୨୮୩୧୯୦

# ସଂପର୍କରେ ଥାଇ ଅନ୍ୟ ସହିତ ଆକର୍ଷଣ !

### ଡା. ସମ୍ରାଟ କର

**"ଜୀବନ ଆନନ୍ଦମୟ। ବିଷାଦମୟ ପ୍ରେମର ସବୁଜିମାରେ ବେଳେ ବେଳେ ଝରି ପଡ଼େ ବିଷାଦର ଗ୍ରୀଷ୍ମତାତି। ଅଣନିଃଶ୍ୱାସୀ ହୋଇ ଜଣେ ସାହାରା ଖୋଜିବା ବେଳକୁ ଜଣେ ଅପରିଚିତ ଭେଟି ହୋଇଯାଏ। ଭାଙ୍ଗି ଯାଇଥିବା ଅସଜଡ଼ା ମନ ହୁଏତ କିଛି ସମୟ ପାଇଁ ଅପରିଚିତ ଚରିତ୍ରଟି ପାଖରେ। ଦେହ ଓ ପ୍ରେମ ଓ ମନ ଏ ସବୁର ପରବର୍ତ୍ତୀ ମୁହୂର୍ତ୍ତକୁ ସାମ୍ନା କରିବାବେଳକୁ ପଛରେ ରହିଯାଆନ୍ତି ଆଉ କିଛି ଚରିତ୍ର। ଦିନେ ଯେଉଁମାନଙ୍କୁ ସେ ସାଥୀ ହେବା ପାଇଁ ଜନ୍ମାଜନ୍ମାନ୍ତର ପାଇଁ ସୁଖଦୁଃଖ ବାଣ୍ଟିବାକୁ। ତେବେ ଏ କ୍ଷେତ୍ରରେ ପୀଡ଼ିତ ପରିବାର ବର୍ଗଙ୍କ ଅନେକ ଗୁରୁଦାୟିତ୍ୱ ରହିଛି। ପୁରୁଷ ପୀଡ଼ିତଙ୍କ କ୍ଷେତ୍ରରେ ତାଙ୍କ ପୂର୍ବତନ ପତ୍ନୀ ବା ପୂର୍ବତନ ପ୍ରେମିକା ତାଙ୍କୁ ନେଇ କୌଣସି କଟାକ୍ଷ କରନ୍ତୁ ନାହିଁ। ବରଂ ତାଙ୍କୁ ଏକ ସକାରାତ୍ମକ ଚିନ୍ତା ଭିତରେ ବ୍ୟସ୍ତ ରଖନ୍ତୁ। ସେ ଯେପରି କୌଣସି ମାଦକ ଦ୍ରବ୍ୟର ସାହାରା ନ ନିଅନ୍ତି ସେ ଦିଗକୁ ଦେଖନ୍ତୁ। ତାଙ୍କୁ ସୁଷମ ଖାଦ୍ୟ, ସବୁଜ ପନିପରିବା ଫଳ, ଏ ସବୁ ତାଙ୍କ ମେନ୍ୟୁରେ ରଖନ୍ତୁ।"**

ଅଷ୍ଟ୍ରେଲିଆର ବ୍ରିସବେନ ସହରରେ ରହୁଥିବା ମୋ ବାଲ୍ୟବନ୍ଧୁ ତେଜସର ସାନ ଭାଇ ମୋତେ ଫୋନ କରିଥିଲା। ମୋ ସାଙ୍ଗ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ପଦସ୍ଥ କର୍ମଚାରୀ ଭାବେ ଅବସ୍ଥାପିତ। ମୋର ଯେତେଦୂର ମନେଅଛି ସେ କଲେଜରେ ଭଲ ପାଉଥିବା ପ୍ରିୟଙ୍କା ସହିତ ତାର ବାହାଘର ହୋଇଥିଲା। ପରେ ମନମାଳିନ୍ୟ ଭିତରେ ଦୁଇଜଣଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା। ଯେତେଦୂର ମନେ ଅଛି ସମ୍ପର୍କ ଯୋଡ଼ିବା ପାଇଁ ତା ବନ୍ଧୁବାନ୍ଧବଙ୍କ ସହିତ ଆମେମାନେ ବି ଉଦ୍ୟମ କରିଥିଲୁ। ତେବେ ସାଙ୍ଗର ଜୀବନରେ ଆଉ ଜଣେ ଆସିଥିଲେ। ସେ ଥିଲେ ଗୌତମୀ। ତେବେ ଏହିପରି ଘରବାଲୀ, ବାହାରବାଲୀ ପରି ଏକ ପ୍ରକାର ତା ଜୀବନ ଚାଲି ହିଁ ଥିଲା। ତେବେ କଥାର ସଂଘର୍ଷ ଆରମ୍ଭ ହେଲା ସେଇଠି ଯେଉଁଠି ତା ଜୀବନର ତୃତୀୟ ନାୟିକାଙ୍କ ପ୍ରବେଶ ହୋଇଥିଲା। ସେ ଥିଲେ 'ନୟନତାରା'। ସାଙ୍ଗଟିର ଏପରି ଦୁଃଖଦ ମୁହୂର୍ତ୍ତ ଗୁଡ଼ାକୁ ଉଦାସ ଭାବ ନେଇ ଲମ୍ବା ଛାତ ଉପରେ ବିଞ୍ଚି ହୋଇ ପଡ଼ିଥିଲା। ମନେ ମନେ ଭାବୁଥିଲି ସତରେ ବୈବାହିକ ଜୀବନ ଭିତରେ ମଞ୍ଜି ସବୁ କ'ଣ ଏମିତି ବିଞ୍ଚିହୁଏ ? ଆମ ମାନସିକ ଚିକିତ୍ସା ବିଜ୍ଞାନରେ ସମ୍ପର୍କରେ ଥାଇ ଅନ୍ୟ ପ୍ରତି ଆକର୍ଷିତ ହେବା ବା ଅନ୍ୟ ଜଣଙ୍କ ପ୍ରେମ ଜାଲରେ ପଡ଼ିବା ଏକ ପ୍ରକାର ମାନସିକ ବିକୃତି। ଯାହାର ନାମ ହେଉଛି 'କୁଶନିଂ'। ତେବେ ବଡ଼ ବିଚିତ୍ର କଥା ଆଜିର ତଥାକଥିତ ଜେନ-ଜିଙ୍କର ଏକ ପ୍ରକାର ଟ୍ରେଣ୍ଡ ଚାଲିଛି। ଏସବୁ ଶୁଣି ତା ସାନ ଭାଇକି କହିଲି - ଡେଟିଂର ସଂଜ୍ଞା କେବଳ ପ୍ରେମରେ ପଡ଼ିବା ଓ ବିବାହ କରିବାରେ ସୀମିତ ନାହିଁ। ଆଧୁନିକ ଡେଟିଂରେ ପ୍ରେମ ସହ ଭାବନାତ୍ମକ ସଂଯୋଗ ବିରଳ। ଜେନ-ଜିଙ୍କ ପାଇଁ ଡେଟିଂ ପରିଭାଷା ସଂପୂର୍ଣ୍ଣ ଭିନ୍ନ। ଆଜିକାଲି ଡେଟିଂରେ କେବଳ ଦୁଇଜଣ ଯୁକ୍ତ ନୁହନ୍ତି ବରଂ ଏହା ଏକା ସାମୂହିକ ପ୍ରକଳ୍ପ ଭଳି। ଜଣଙ୍କ କାନ୍ଧରେ ମୁଣ୍ଡ ରଖି ଆଉ ଜଣଙ୍କ ପାଇଁ କାନ୍ଦିବା ଏହି ଡେଟିଂର ଅଜବ ଟ୍ରେଣ୍ଡ।

ଜଣଙ୍କ ସହ ସମ୍ପର୍କରେ ଥାଇ ଅନ୍ୟ ଜଣଙ୍କ ପ୍ରତି ଆକର୍ଷିତ ହେବା ଏବେ ସାଧାରଣ। ଏକକାଳୀନ ଜଣେ ବ୍ୟକ୍ତି ଏକାଧିକଙ୍କୁ ଡେଟ କରିବା ଆଉ ନୂଆ ନୁହେଁ। ଜଣଙ୍କ ସହ ସମ୍ପର୍କରେ ଥିବା ସମୟରେ ଅନ୍ୟ ସହ 'ଫ୍ଲର୍ଟ' କରିବା ଏବେ ସାମାନ୍ୟ କଥା। କେତେକ ନିଜ ସାଥୀଙ୍କୁ ଜଣାଇ ଏପରି କରୁଛନ୍ତି। କିନ୍ତୁ ଏହି ଧାରାରେ ଏକ ତଥାକଥିତ 'ଟକ୍କିକ' ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଆଧୁନିକ ପ୍ରଜନ୍ମ ଏହି ଟ୍ରେଣ୍ଡ ନାମ ଦେଇଛନ୍ତି କୁଶନିଂ। କୁଶନିଂରେ କୁଶନ ସାଜନ୍ତି ଜଣେ ତୃତୀୟ ବ୍ୟକ୍ତି। ଉଦାହରଣ ସ୍ୱରୂପ ପରୀକ୍ଷାକୁ ଯିବା ସମୟରେ ପ୍ରାୟ ସମସ୍ତେ ଦୁଇଟି କଲମ ସାଥିରେ ନେଇଥାନ୍ତି। ଗୋଟିଏ ମୁଖ୍ୟ କଲମ ଲେଖିବା ପାଇଁ, ଅନ୍ୟଟି ବ୍ୟାକ ଅପ୍ ଭାବରେ। ଯଦି ମୁଖ୍ୟ କଲମରୁ କାଳି ସରିଯାଏ କିମ୍ବା ମୁଖ୍ୟ କଲମଟି କୌଣସି ପରିସ୍ଥିତିରେ ଖରାପ ହୋଇଯାଏ, ତେବେ ଦ୍ୱିତୀୟ କଲମ କାମରେ ଆସେ। ଠିକ୍ ସେହିଭଳି ହୁଏତ ପ୍ରଜନ୍ମ ଜଣକ ସହ ଗଭୀର ସଂପର୍କରେ ଥାଇ ବି ଅନ୍ୟ ଜଣଙ୍କୁ ବ୍ୟାକ ଅପ୍ ଭାବରେ ରଖିବାକୁ ପସନ୍ଦ କରୁଛନ୍ତି। ଯଦି କୌଣସି ପରିସ୍ଥିତିରେ ଗଭୀର ସଂପର୍କରେ ବ୍ରେକଅପ୍ ହୋଇଯାଏ ତେବେ ଭାବନାତ୍ମକ ସାହାରା ନିମନ୍ତେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ଜଣକ କାମରେ ଆସିବେ।

ଯେତେବେଳେ ମୁଖ୍ୟ ସଂପର୍କ ଟିକେ ଫିକା ପଡ଼ି ଆସୁଥିବା ଭଳି ଲାଗେ, ସେତେବେଳେ ହିଁ ନିଜ ପାଇଁ ଏକ କୁଶନ ଖୋଜିବାର ବ୍ୟବସ୍ଥା କରନ୍ତି ଏହି ପ୍ରଜନ୍ମ। କିଛି କଣ ଭାବନାତ୍ମକ ସମର୍ଥନ ପାଇଁ ଏଭଳି ସଂପର୍କର ସାହାରା ନିଅନ୍ତି ଓ କେତେକ ଉଦ୍ଦେଶ୍ୟମୂଳକ ଭାବରେ ଏଭଳି କରିଥାନ୍ତି। ତେବେ ଏହାକୁ ମଧ୍ୟ ଏକ ପ୍ରକାରର ଠକାମି କୁହାଯାଇପାରିବ। ଅନ୍ୟପକ୍ଷରେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ଜଣଙ୍କୁ କୁଶନ ଭାବରେ ଦେଖାଯାଏ। ଯେପରି ରାଗ ଲାଗିଲେ ଅନେକେ ରାଗିଥିବା ବ୍ୟକ୍ତିଙ୍କ ପରିବର୍ତ୍ତେ ତକିଆକୁ ପିଟି ରାଗ ବାହାର କରିଥାନ୍ତି, କାନ୍ଦ ଲାଗୁଥିଲେ ତକିଆକୁ ସାହାରା ଭାବି କାନ୍ଦିଥାନ୍ତି। ଠିକ୍ ସେହିଭଳି ପ୍ରଥମ ବ୍ୟକ୍ତିଙ୍କ ଠାରୁ ଧୋକା ମିଳିବା ପରେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ସାହାରା ଦେଇଥାନ୍ତି। କେତେକ କ୍ଷେତ୍ରରେ ଏହି ସଂପର୍କ ଆପୋସ ବୁଝାମଣାରେ ଗଢ଼ି ଉଠିଥାଏ ତ କେତେବେଳେ ଦ୍ୱିତୀୟ ବ୍ୟକ୍ତି ନିଜ ଅସ୍ତିତ୍ୱକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି। କିଛି କିଛି କ୍ଷେତ୍ରରେ ତୃତୀୟ ବ୍ୟକ୍ତି 'ପଞ୍ଚିଂ ବ୍ୟାଗ୍' ପାଲଟିଯାଆନ୍ତି। ପ୍ରଥମ ସଂପର୍କରେ ଥିବା ରାଗ, ଅଭିମାନ, କ୍ରୋଧର ଶିକାର ତୃତୀୟ ବ୍ୟକ୍ତି ଜଣଙ୍କ ହିଁ ହୋଇଥାନ୍ତି। ତେବେ ଆପଣ ଯେଉଁ ସଂପର୍କରେ ଅଛନ୍ତି ସେଥିରେ ଆପଣ ମୁଖ୍ୟ ଚରିତ୍ର ନାଁ କେବଳ ଏକ କୁଶନ ଭାବରେ ବ୍ୟବହୃତ । ତାହା ଜାଣିବା ପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିପାରିବେ। ଆପଣଙ୍କ ସାଥୀ ଯଦି ସବୁବେଳେ ଆପଣଙ୍କୁ ଆବଶ୍ୟକ ସମୟ ଓ ଧ୍ୟାନ ଦେବା ପରିବର୍ତ୍ତେ, ମଝିରେ ମଝିରେ ଗୁରୁତ୍ୱ ଦେଉଛନ୍ତି ତେବେ ବୁଝିଯାଆନ୍ତୁ ଆପଣଙ୍କୁ ସେ କେବଳ ଜଣେ ସାହାରା ଭାବରେ ବ୍ୟବହାର କରୁଛନ୍ତି। ଯଦି ଆପଣଙ୍କ ସଂପର୍କ ଦୀର୍ଘ ବର୍ଷ ଧରି ଚାଲିଛି, ଆପଣ ବାରମ୍ବାର 'ଘୋଷ୍ଟିଂ' ଭଳି ପରିସ୍ଥିତିର ସାମ୍ନା କରୁଛନ୍ତି ତଥାପି ଆପଣଙ୍କ ସାଥୀ ସଂପର୍କକୁ ନେଇ କୌଣସି ସ୍ୱଷ୍ଟୋକ୍ତି ଦେଉନାହାନ୍ତି। ତେବେ ଆପଣ କୁଶନିଂ ଭଳି ବିଷାକ୍ତ ଟ୍ରେଣ୍ଡର ଶିକାର। ତେବେ ଯଦି ଉପରୋକ୍ତ ପରିସ୍ଥିତି ଭିତରୁ ଆପଣ କୌଣସି ଗୋଟିଏର ସମ୍ମୁଖୀନ ହେଉଥିବେ, ତେବେ ବେଳ ଥାଉ ଥାଉ ସେଭଳି ସଂପର୍କରୁ ଦୂରେଇ ଯାଆନ୍ତୁ।

ଜୀବନ ଆନନ୍ଦମୟ। ବିଷାଦମୟ ପ୍ରେମର ସବୁଜିମାରେ ବେଳେ ବେଳେ ଝରି ପଡ଼େ ବିଷାଦର ଗ୍ରୀଷ୍ମତାତି। ଅଣନିଃଶ୍ୱାସୀ ହୋଇ ଜଣେ ସାହାରା ଖୋଜିଲା ବେଳକୁ ଜଣେ ଅପରିଚିତ ଭେଟି ହୋଇଯାଏ। ଭାଙ୍ଗି ଯାଇଥିବା ଅସଜଡ଼ା ମନ ହୁଏତ କିଛି ସମୟ ପାଇଁ ଅପରିଚିତ ଚରିତ୍ରଟି ପାଖରେ। ଦେହ , ପ୍ରେମ ଓ ମନ ଏ ସବୁର ପରବର୍ତ୍ତୀ ମୁହୂର୍ତ୍ତକୁ ସାମ୍ନା କରିବାବେଳକୁ ପଛରେ ରହିଯାଆନ୍ତି ଆଉ କିଛି ଚରିତ୍ର। ଦିନେ ଯେଉଁମାନଙ୍କୁ ସେ ସାଥୀ ହେବା ପାଇଁ ଜନ୍ମାଜନ୍ମାନ୍ତର ପାଇଁ ସୁଖ ଦୁଃଖ ବାଣ୍ଟିବାକୁ। ତେବେ ଏ କ୍ଷେତ୍ରରେ ପୀଡ଼ିତ ପରିବାର ବର୍ଗଙ୍କ ଅନେକ ଗୁରୁଦାୟିତ୍ୱ ରହିଛି। ପୁରୁଷ ପୀଡ଼ିତଙ୍କ କ୍ଷେତ୍ରରେ ତାଙ୍କ ପୂର୍ବତନ ପତ୍ନୀ ବା ପୂର୍ବତନ ପ୍ରେମିକା ତାଙ୍କୁ ନେଇ କୌଣସି କଟାକ୍ଷ କରନ୍ତୁ ନାହିଁ। ବରଂ ତାଙ୍କୁ ଏକ ସକାରାତ୍ମକ ଚିନ୍ତା ଭିତରେ ବ୍ୟସ୍ତ ରଖନ୍ତୁ। ସେ ଯେପରି କୌଣସି ମାଦକ ଦ୍ରବ୍ୟର ସାହାରା ନ ନିଅନ୍ତି ସେ ଦିଗକୁ ଦେଖନ୍ତୁ। ତାଙ୍କୁ ସୁଷମ ଖାଦ୍ୟ, ସବୁଜ ପନିପରିବା ଫଳ, ଏ ସବୁ ତାଙ୍କ ମେନ୍ୟୁରେ ରଖନ୍ତୁ।

ବର୍ତ୍ତମାନ କିଛି ଦିନ ତଳେ ଲୋକପ୍ରିୟ ହିନ୍ଦୀ ନାୟକ ଅମିର ଖାଁଙ୍କ ତୃତୀୟସ୍ଥ ପ୍ରେମ ବିବାହକୁ ନେଇ ଅନେକ ଚର୍ଚ୍ଚା ଉଠିଥିଲା। ବାସ୍ତବରେ ଆମ ହିନ୍ଦୁ ବୈବାହିକ ବ୍ୟବସ୍ଥାରେ ଏ ସବୁ ଗ୍ରହଣୀୟ ହୋଇନଥାଏ। ଜଣଙ୍କର ଏପରି ଆଚରଣ ମାନସିକ ବିକୃତି ପର୍ଯ୍ୟାୟର।

ସବୁଠାରୁ ବଡ଼କଥା ହେଉଛି ଲୋକଟିକୁ ଆଶ୍ୱାସନା ଦିଅନ୍ତୁ ବାରମ୍ବାର ଏପରି ପ୍ରେମର ଆଗପଛ ଖେଳକୁ ନେଇ ପ୍ରୋତ୍ସାହିତ କରନ୍ତୁ ନାହିଁ କିମ୍ବା ତାଙ୍କୁ ବିଷାଦଗ୍ରସ୍ତ ସମୟରେ ଅପମାନିତ କରନ୍ତୁ ନାହିଁ। କାରଣ ଏ କ୍ଷେତ୍ରରେ ପୀଡ଼ିତ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେବାର ଆଶଙ୍କା ଥାଏ। ଜୀବନର ଲମ୍ବା ପଥରେ ଅନେକ ଝଡ଼ ଆସିଥାଏ। ତେଣୁ ଝଡ଼କୁ ସାମ୍ନା କରି ନିଶ୍ଚିନ୍ତ ଜୀବନକୁ ଆଗେଇ ନେବା..... । ନିଜ ସଂସାର କି ସୁନ୍ଦର ଯେଉଁଠି ପ୍ରେମ ଅନନ୍ତ ଆନନ୍ଦର ଦିଗନ୍ତ ବିସ୍ତାରୀ ସାଗର।

କଟକ,
ମୋ- ୯୧୩୨୪୩୩୩୩୩

# ଭଦ୍ରକର ୨.୧୩ ଲକ୍ଷ ଚାଷୀଙ୍କୁ ୪୨.୫୯ କୋଟିର ସିଏମ୍-କିଷାନ୍ ସହାୟତା

ଭଦ୍ରକ,୫।୯ (ନିପ୍ର): ରବି ଋତୁ ୨୦୨୬-୨୭ ପାଇଁ ଭଦ୍ରକ ଜିଲ୍ଲାର ଚାଷୀମାନଙ୍କୁ ସିଏମ୍-କିଶାନ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଆଜି ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା।ଜିଲ୍ଲାର ୨,୧୨,୪୨୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୫୩୨ ଜଣ ଭୂମିହୀନ କୃଷି ପରିବାରକୁ ନେଇ ମୋଟ ୨,୧୨,୯୫୨ ଜଣ ହିତାଧିକାରୀଙ୍କୁ ମୋଟ ୪୨ କୋଟି ୫୯ ଲକ୍ଷ ୪ ହଜାର ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ଚାଷୀମାନଙ୍କୁ ରବି ଫସଲ ପାଇଁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ଉପକରଣ କ୍ରୟରେ ସହାୟକ ହେବ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶୀଭୂଷଣ ମହାପାତ୍ର, ସହକାରୀ କୃଷି ନିର୍ଦ୍ଦେଶକ ପ୍ରୀତିରେଖା ମହାଲିକ, କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ପଲିଥିନ ବଣ୍ଟନରେ ପକ୍ଷପାତିତା ଅଭିଯୋଗ

ଜଳେଶ୍ୱର,୫।୯ (ନିପ୍ର): ବନ୍ୟା ପ୍ରପୀଡ଼ିତଙ୍କୁ ପଲିଥିନ ବଣ୍ଟନରେ ବ୍ୟାପକ ପକ୍ଷପାତିତା କରାଯାଉଥିବା ଅଭିଯୋଗ କରି ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି।ସମସ୍ତ ବନ୍ୟା ପ୍ରପୀଡ଼ିତ ପରିବାରଙ୍କୁ ବିନା ପକ୍ଷପାତିତାରେ ତୁରନ୍ତ ପଲିଥିନ ଯୋଗାଇ ଦେବା ଦାବିରେ ପଶ୍ଚିମଦାର୍ଢ଼ ଆର.ଆଇ.ଅଫିସ ସାମ୍ନାରେ



ପୂର୍ବାହ୍ନ ୧୦ ଘଟିକା ଠାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଏହି ଆନ୍ଦୋଳନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ କୁମାର ଗିରି ଅଧ୍ୟକ୍ଷତା କରିଥିଲେ।ବନ୍ୟା ଯୋଗୁଁ ଅଞ୍ଚଳର ବହୁ ଗରିବ ଓ ସାଧାରଣ ଲୋକ ବାସଗୃହ ହରାଇ ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରଶାସନ ପକ୍ଷରୁ ଚାଲିଥିବା ପଲିଥିନ ବଣ୍ଟନ ପ୍ରକ୍ରିୟାରେ କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ପ୍ରାଥମିକତା ଦିଆଯାଉଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ।ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ସୁପରଭାଇଜର ଶୁଭେନ୍ଦୁ ସାହୁ, ପଶ୍ଚିମବାଡ ଆର ଆଇ ରାଜେଶ କୁମାର ଦେ ଏବଂ ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାସୁଝା କରିଥିଲେ। ନିୟମାନୁଯାୟୀ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଇ ପ୍ରକୃତ ବନ୍ୟା ପ୍ରପୀଡ଼ିତଙ୍କୁ ଖୁବଶୀଘ୍ର ପଲିଥିନ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ବିକ୍ଷୋଭ ପ୍ରଦର୍ଶନ ସ୍ଥଗିତ ରହିଥିଲା।

## ମରଣଯନ୍ତା ପାଲଟିଛି ଚମ୍ପୁଆ ବ୍ଲକର ପତଳା ଗ୍ରାମ ରାସ୍ତା

ଚମ୍ପୁଆ,୫।୯(ନିପ୍ର):ମରଣଯନ୍ତା ଗାଁ ରାସ୍ତା।ଗଡୁନି ଗାଡ଼ି ଯମଯନ୍ତ୍ରଣା ଭୋଗୁଛନ୍ତି ପଥଚାରୀ। ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ପତଳା



ଗାଁର ଏହି ରାସ୍ତାଟି ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାସ୍ତା ସାରା ଚିପ୍ସ ମେଣ୍ଟାଇ ଉଠି ନଷ୍ଟ ହୋଇ ସାରିଥିବା ବେଳେ ରାସ୍ତା ସାରା ଖାଲଖମାରେ ପୂରି ଯାଇଛି। ରାସ୍ତାଟି ମରାମତି ପାଇଁ ବ୍ଲକ ଗୁରୁତ୍ୱ ଦେଉନଥିବା ବେଳେ ପଞ୍ଚାୟତର ଏଥିପ୍ରତି ନିଘା ନାହିଁ। ବାରମ୍ବାର ଗ୍ରାମବାସୀଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ଗୁହାରି ନିଷ୍ଫଳ ହେଉଥିବାରୁ ଏହାକୁ ନେଇ ଗାଁରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। ନିକଟରେ ରାସ୍ତାର ଶୋଚନୀୟ ଅବସ୍ଥାରେ ସୁଧାର ପାଇଁ ଗାଁ ପିଲାଟି ମାଟି ମୋରମ ପକାଇ ରାସ୍ତା ମରାମତି କରିଥିଲେ। ମାତ୍ର ଲଗାଣ ବର୍ଷା ଯୋଗୁଁ ଏହି ମାଟି ମୋରମ ଧୋଇ ଯାଇ ଏବେ ଯଥା ପୂର୍ବଂ ତଥା ପରଂ ସ୍ଥିତି ରେ ପହଞ୍ଚି ଯାଇଛି। ରାସ୍ତାରେ ସାମଗ୍ରୀ ବୋଝେଇ ଗାଡ଼ି ଯାଇପାରୁ ନଥିବାରୁ ଲୋକେ ନିଜ ଆବଶ୍ୟକତା ଅନୁସାରେ ସାମଗ୍ରୀ ନେବା ଆଣିବା କରି ପାରୁନାହାନ୍ତି। ରାସ୍ତାରେ ଗାଡ଼ି ଗୁଡ଼ିକ ଫସି ଯାଉଥିବାରୁ ରାସ୍ତାର ଶୀଘ୍ର ମରାମତି ନ ହେଲେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରିବେ ବୋଲି ସୂଚନା ଦେଇଛନ୍ତି।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ନର୍ସିଂ ଛାତ୍ରଛାତ୍ରୀଙ୍କ ସ୍ୱାଗତ

ରାୟଗଡ଼ା,୫।୯(ନିପ୍ର):ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ରାୟଗଡ଼ା କ୍ୟାମ୍ପସର ନର୍ସିଂ ବିଭାଗ ତରଫରୁ ପ୍ରଥମ ବର୍ଷର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ଭବ୍ୟ (ସମ୍ବର୍ଦ୍ଧନା ସଭା) ଅନୁଷ୍ଠିତ ହୋଇଯାଇଛି। ପିଠାମହସ୍ଥିତ ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ତୃତୀୟ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ଆୟୋଜନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁଜନ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ବହୁଳ ସମାଗମ ଦେଖିବାକୁ ମିଳିଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଶୃଙ୍ଖଳା, ସେବା ମନୋଭାବ ଓ ନିଷ୍ଠାର ସହ ଏହି ମହାନ ନର୍ସିଂ ପେଷାକୁ ଆପଣେଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ନର୍ସିଂ ବିଭାଗର ପ୍ରିନ୍ସିପାଲ ଡ. ଉର୍ମିଳା କାଟ୍ଟୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନର୍ସିଂ କ୍ଷେତ୍ରରେ ପାଠପଢ଼ାର ଗୁରୁତ୍ୱ ଓ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଅତୁଳନୀୟ ଯୋଗଦାନ ବିଷୟରେ ବୁଝାଇଥିଲେ। ଫାର୍ମାସୀ ବିଭାଗର ପ୍ରିନ୍ସିପାଲ ଡ. ଚନ୍ଦ୍ରଶେଖର ପାତ୍ର ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପାଠ୍ୟକ୍ରମର ଶୁଭେଚ୍ଛା ଜଣାଇବା ସହ ଆନ୍ତଃ-ବିଭାଗୀୟ ସହଯୋଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

# କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମୀକ୍ଷା କଲେ ବିଭାଗୀୟ ମନ୍ତ୍ରୀ

ଭବାନୀପାଟଣା,୫।୯ (ନିପ୍ର); ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓଡିଶା ରାଜ୍ୟ ସରକାରଙ୍କ ପ୍ରଯୋଜିତ ସିଏମ କିସାନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ମ୍ୟାଲେରିଆ ନିୟନ୍ତ୍ରଣ, ସିକେଲ ସେଲ ନିରାକରଣ, ଟୀକାକରଣ ଓ ଅନ୍ୟାନ୍ୟ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ।

ସମୀକ୍ଷା ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ, ସ୍ୱାସ୍ଥ୍ୟ ସୂଚକ, ମାତୃ ଓ ଶିଶୁ ମୃତ୍ୟୁ ହ୍ରାସ, ପୂର୍ଣ୍ଣ ଟୀକାକରଣ, ରକ୍ତହୀନତା ନିୟନ୍ତ୍ରଣ ଏବଂ ଅସଂକ୍ରାମକ ରୋଗ ନିୟନ୍ତ୍ରଣ ଉପରେ ଉପସ୍ଥାପନା କରାଯାଇଥିଲା। ଜିଲ୍ଲାରେ ୧ଟି ମେଡିକାଲ କଲେଜ, ୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୧ଟି ଉପଖଣ୍ଡ ଚିକିତ୍ସାଳୟ, ୧୭ଟି ସିଏଚସି, ୪୫ଟି ଆମ ହସ୍ପିଟାଲ ପିଏଚସି ଓ ୨୪୧ଟି ଆମ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟରତ ଥିବା ସୂଚନା ଦିଆଯାଇଥିଲା। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଜିଲ୍ଲାରେ ଆଇଆରଏସ କାର୍ଯ୍ୟକ୍ରମ,




ଏଲଏଲ ଆଇଏନ ବଣ୍ଟନ, 'ଦମନ' ଶିବିର, ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍କ୍ରିନିଂ ଏବଂ ରିୟଲ ଟାଇମ ମନିଟରିଂ ପାଇଁ ଓଡ଼ିକେ ଟୁଲ ବ୍ୟବହାର ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଉପସ୍ଥାପନା କରାଯାଇଥିଲା। ମାତୃ ସ୍ୱାସ୍ଥ୍ୟ କ୍ଷେତ୍ରରେ ପିଏମଏସଏମଏ, ସୁମନ, ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀ ଚିହ୍ନଟ, ଅଲ୍ଟ୍ରାସାଉଣ୍ଡ ସେବା, ମାତୃ ଓ ଶିଶୁଙ୍କ ପାଇଁ ନିରାପଦ ସ୍ୱାସ୍ଥ୍ୟ ସେବା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଜଣାଯାଇଥିଲା। ଜିଲ୍ଲାରେ ଜାତୀୟ ସିକେଲ ସେଲ ଏନିମିଆ ନିରାକରଣ ମିଶନ ଅଧୀନରେ ବ୍ୟାପକ ସ୍କ୍ରିନିଂ, ଗାଜେଲ ମେସିନ ଦ୍ୱାରା ପରୀକ୍ଷା ଓ ରୋଗୀଙ୍କୁ ନିୟମିତ ଚିକିତ୍ସା ସେବା ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଥିଲା। ମନ୍ତ୍ରୀ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା, ଶୂନ୍ୟପଦ ପୂରଣ, ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ମ୍ୟାଲେରିଆ ଓ ସିକେଲ ସେଲ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ ଦୂରଦୁରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଶୀ,ଜିଲ୍ଲାପାଳ ପୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ହରେକୃଷ୍ଣ ଶତପଥି , ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୌଦ୍ଧରେ ସିଏମ୍-କିଷାନ୍ ସହାୟତା ବଣ୍ଟନ

ବୌଦ୍ଧ,୫।୯ (ନିପ୍ର); କୃଷକଙ୍କ ଆର୍ଥିକ ସଶକ୍ତିକରଣ ଏବଂ କୃଷି କ୍ଷେତ୍ରର ବିକାଶକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ବୌଦ୍ଧ ଟାଉନ୍ ହଲ୍ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳକିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଏବଂ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବୌଦ୍ଧ କୃଷି ଜିଲ୍ଲା ଅଧିକାରୀ ରାଜେଶ ଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ଚାଷୀଙ୍କ ସମସ୍ୟା ନେଇ ମୈଦାନକୁ ଓହ୍ଲାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ

କାଶୀନଗର,୫।୯(ନିପ୍ର):ଚାଷୀଙ୍କ ସମସ୍ୟା ଓ ସେମାନଙ୍କୁ ମିଳୁଥିବା ସରକାରୀ ସୁବିଧାର ବାସ୍ତବ ସ୍ଥିତି ଜାଣିବା ପାଇଁ ମୈଦାନକୁ ଓହ୍ଲାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ। ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡା ଗ୍ରାମରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଲିମିଟେଡ୍‌କୁ ବିଧାୟକ ଅଚାନକ ଗସ୍ତ କରି ସମିତିର କାର୍ଯ୍ୟକଳାପ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅଚାନକ ଗସ୍ତ ସମୟରେ ବିଧାୟକ ସମିତିର କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଚାଷୀମାନେ ସମବାୟ ସମିତି ମାଧ୍ୟମରେ ପାଉଥିବା ସୁବିଧା, ଋଣ ସମ୍ବନ୍ଧୀୟ ସମସ୍ୟା, କୃଷି ସାମଗ୍ରୀ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଚାଷୀମାନଙ୍କ କଥାକୁ ବିଧାୟକ ଧୈର୍ଯ୍ୟର ସହ ଶୁଣିବା ସହ ସେମାନଙ୍କ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ନେଇଥିଲେ। ଗ୍ରାମାଞ୍ଚଳର ଚାଷୀମାନେ ଯେପରି ସମବାୟ ସମିତି ମାଧ୍ୟମରେ ସହଜରେ ଆବଶ୍ୟକ ସେବା ପାଇପାରିବେ, ସେଥିପାଇଁ ସମିତିର କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ



ସମିତିର ପୁରୁଣା କୋଠା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଦୀର୍ଘଦିନ ଧରି ପୁରୁଣା ଢାଞ୍ଚାରେ ରହିଥିବା ଏହି କାର୍ଯ୍ୟାଳୟର ଆଧୁନିକୀକରଣ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ସୁବିଧା ଓ ସମିତିର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ପୁରୁଣା ବିଲଡିଂକୁ ନୂତନ ଶୈଳୀରେ ନିର୍ମାଣ କରିବା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ। ନୂତନ ଭବନ ନିର୍ମାଣ ହେଲେ ଚାଷୀମାନଙ୍କ ପାଇଁ ସମିତିରେ ଅଧିକ ସୁବିଧା ଉପଲବ୍ଧ ହେବା ସହ କାର୍ଯ୍ୟାଳୟର ପରିବେଶ ମଧ୍ୟ ଉନ୍ନତ ହେବ ବୋଲି ଆଶା ପ୍ରକାଶ ପାଇଛି। ସମିତି କେବଳ ଏକ କାର୍ଯ୍ୟାଳୟ ନୁହେଁ, ବରଂ ଗ୍ରାମାଞ୍ଚଳର ଚାଷୀଙ୍କ ଆର୍ଥିକ ଓ କୃଷି ସମ୍ବନ୍ଧୀୟ ଆବଶ୍ୟକତାର ଏକ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବାରୁ ଏହାର ଭିତ୍ତିଭୂମି ବିକାଶ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ବିଧାୟକଙ୍କ ଏହି ଅଚାନକ ଗସ୍ତ ଯୋଗୁଁ ଖାରଡା ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି। ଜନପ୍ରତିନିଧି ନିଜେ ଚାଷୀଙ୍କ ନିକଟକୁ ଆସି ସେମାନଙ୍କ ସମସ୍ୟା ଶୁଣିବା ଓ ସମବାୟ ସମିତିର ଭିତ୍ତିଭୂମି ବିକାଶ ନେଇ ପଦକ୍ଷେପର ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ସ୍ୱାଗତ କରିଛନ୍ତି।

## ୧୯ ବର୍ଷ ପରେ ଖଣ୍ଡପଡ଼ା ସହର ନିମନ୍ତେ ନିଯୁକ୍ତି ହେବେ ୪ ଆଶାକର୍ମୀ

କଣ୍ଟିଲୋ,୫।୯ (ନିପ୍ର); ଖଣ୍ଡପଡ଼ା ସହରର ଗର୍ଭବତୀ ମହିଳାମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ନିର୍ଦ୍ଦେଶକ୍ରମେ ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ୪ ଜଣ ଆଶାକର୍ମୀଙ୍କୁ ଖୁବଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି।ତେବେ ଆଶାକର୍ମୀଙ୍କ ନିଯୁକ୍ତି ନେଇ କାଉନସିଲ ବୈଠକରେ ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଓ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ଉପସ୍ଥିତିରେ ସବିଶେଷ ଆଲୋଚନା ହୋଇଥିଲା।ପରେ ଏ ସଂପର୍କିତ ରିପୋର୍ଟ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା।ପ୍ରକାଶଥାଉକି ଗତ ୨୦୦୭ ମସିହାରେ ଶେଷ ଥର ପାଇଁ ଆଶାକର୍ମୀ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ବେଳେ ଗତ ୧୯ ବର୍ଷ ପରେ ଖଣ୍ଡପଡ଼ା ସହରାଞ୍ଚଳ ନିମନ୍ତେ ୪ ଜଣ ଆଶାକର୍ମୀଙ୍କୁ ନିଯୁକ୍ତି ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିବାରୁ ଖଣ୍ଡପଡ଼ା ସହରବାସୀ ଆନନ୍ଦ ପ୍ରକାଶ କରିବା ସହ ଏଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କୃତୀ ଓଏଏସ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ସୋନପୁର, ୫।୯ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା 'ଲକ୍ଷେ ଘର ଗଣ୍ଡା ସମାଜ' ପକ୍ଷରୁ ଆଜି ସୋନପୁରର ଗର୍ବ ଓ ଗୌରବ ତଥା ନିକଟରେ ଓଏଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ, ଶିକ୍ଷା ବିନା କୌଣସି ସମାଜ ଆଗକୁ ବଢ଼ିପାରିବ ନାହିଁ। ଏହି ସମ୍ବର୍ଦ୍ଧନା ଉତ୍ସବ କେବଳ ଏହି କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବ ନାହିଁ, ବରଂ ଆଗାମୀ ନୂଆ ଯୁବପିଢ଼ି ପାଇଁ ମଧ୍ୟ ଏକ ବଡ଼ ପ୍ରେରଣା ପାଲଟିବ



ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସମାଜସେବୀ ସାନନ୍ଦ ବାରିକ, ତରଭା ବ୍ଲକ କଂଗ୍ରେସ କମିଟି ସଭାପତି ମୁକୁନ୍ଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ମାଧବ କୁମ୍ଭାର, ତରଣୀ ବାରିକ ଏବଂ କଟକ ଲେବର କମିଶନର ବିଭାଗର ଆସିଷ୍ଟାଣ୍ଟ ଲେବର ଅଫିସର ମୌସୁମୀ ପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ସଭାରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ନିତିଶ ବାରିକ, ଆଶିଷ କୁମାର ସୁନା, ଆକାଶ ସୁନା ଓ ଛାତ୍ରୀ ମୌସୁମୀ ପାତ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମାଝୀ ଏବଂ ସମ୍ମାନିତ ଅତିଥି ପ୍ରଧାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମଶାଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ସହରବାସୀ, ପଡୁନି ମଶାମରା ତେଲ କି ବ୍ଲିଚିଂ

ଖଣ୍ଡପଡ଼ା,୫।୯ (ନିପ୍ର); ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଖଣ୍ଡପଡ଼ା ସହରବାସୀ ବିଶେଷ କରି ବର୍ଷା ଋତୁରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏବେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ଯୋଗୁଁ ସହରବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ବର୍ଷା ଋତୁ ଯୋଗୁଁ ସବୁଠି ସନ୍ତସନ୍ତିଆ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଯାହାକି ମଶା ଓ ମାଛିଙ୍କ ବଂଶବୃଦ୍ଧିରେ ସହାୟକ ହୋଇଥିବା ଜଣାପଡିଛି। ସହରର ପ୍ରତ୍ୟେକ ଘରେ ଜ୍ୱର, ଥଣ୍ଡା, କାଶ ରୋଗରେ ଏକାଧିକ ବ୍ୟକ୍ତି ପୀଡିତ ଥିବା ବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ଯୋଗୁଁ ରୋଗୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। କିନ୍ତୁ ଏ ଦିଗରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସହର ସାରା ଯୁଆଡେ ଦେଖିବ ସିଆଡେ କୁଢକୁଢ ଅଳିଆ ଗଦା ହୋଇ ରହିଥିବା ବେଳେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଋତୁ ଆରମ୍ଭରୁ ଡ୍ରେନ ଗୁଡିକ ସଫା ନ ହେବା, ଗଭିର ଡ୍ରେନ ଗୁଡିକ ଉପରେ ସିମେଣ୍ଟ କଂକ୍ରିଟ ସ୍ଲାବ ପକା ନଯିବା ଯୋଗୁଁ ଏବେ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଥିବା



ଜଣାଯାଇଛି।ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣିର ସୁଅ ଛୁଟିବା ସହ ରାସ୍ତା ପାର୍ଶ୍ୱସ୍ଥିତ ଖାଲ ଖମାରେ ପାଣି ଜମି ରହୁଛି। ସେହିପରି ମଶା ବଂଶ ଲୋପ ନିମନ୍ତେ ଡ୍ରେନ ଗୁଡିକରେ ମଶା ମରା ତେଲ ପକା ଯାଉ ନଥିବା ବେଳେ ମଶା ଧୂଆଁ ମଧ୍ୟ ପ୍ରୟୋଗ କରାଯାଉ ନଥିବା ଜଣାପଡିଛି।ସେହିପରି ସହରର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ଟିକେ ପକାଇବାରେ ଏନଏସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

## ସାଲେପୁର ବ୍ଲକ୍‌ରେ ୨ଶହରୁ ଉର୍ଦ୍ଧ୍ୱ ଗୋରୁ ଚର୍ମବିଣ୍ଡି ରୋଗରେ ଆକ୍ରାନ୍ତ

ସାଲେପୁର,୫।୯(ନିପ୍ର): ସାଲେପୁର ବ୍ଲକ୍ ଅଞ୍ଚଳରେ କିଛି ଦିନ ହେବ ଗୋରୁଗାଈଙ୍କ ଠାରେ ବସନ୍ତ (ଚର୍ମବିଣ୍ଡି) ରୋଗ ବ୍ୟାପୁଥିବାବେଳେ ଏହି ରୋଗ କମିବାର ନା ଧରୁନାହିଁ। ସାଲେପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ୨ଶହରୁ ଉର୍ଦ୍ଧ୍ୱ ଗୋରୁଗାଈ ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିବାରୁ ପଶୁପାଳକଙ୍କ ମଧ୍ୟରେ ଭାଳେଣୀ ପଡିଯାଇଛି। ଏବେ ବିଶେଷ କରି ବାଛୁରୀମାନଙ୍କୁ ଏହି ରୋଗ ବ୍ୟାପୁଥିବା କୁହାଯାଇଛି। ସାଲେପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୀପକ କୁମାର ସେନାପତିଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ କରାଯାଇ ଏହି ରୋଗର ନିରାକରଣ ପାଇଁ ଡାକ୍ତରମାନେ ଗାଁ ଗାଁ ବୁଲି ଗୋରୁଗାଈଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ଔଷଧ ଦେଉଛନ୍ତି। ହେଲେ କିଛି ଗୋରୁଗାଈ ସୁସ୍ଥ ହେଉଥିବାବେଳେ ପୁଣି ଏହି ରୋଗ ନୂଆ ଗୋରୁଗାଈଙ୍କୁ ଆକ୍ରାନ୍ତ କରିଛି। ଏହାକୁ ନେଇ ପ୍ରାଣୀଚିକିତ୍ସାଳୟ ପକ୍ଷରୁ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ସଂପୂର୍ଣ୍ଣ ଭାବରେ ଏହି ଚର୍ମବିଣ୍ଡି ବା ବସନ୍ତ ରୋଗ ଗୋରୁଗାଈଙ୍କ ଠାରୁ ଛାଡୁନାହିଁ। ବିଶେଷ କରି ଗୋରୁଗାଈଙ୍କ ଚର୍ମରେ ଫୋଟକା ଭଳି ବଡ଼ ବଡ଼ ଘା ହୋଇଯିବାରୁ ଏବେ ବର୍ଷାଦିନେ ତାହା ଶୁଖୁନାହିଁ। ଏହି ରୋଗ ଉପଶମ ପାଇଁ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଏବେବି ୩୫ଟି ପଞ୍ଚାୟତରେ ଏହି ରୋଗ ଛାଡିବାର ନାଁ ଧରୁନାହିଁ।

# ଚିତ୍ରୋତ୍ପଳା ନଦୀରୁ ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର

ସାଲେପୁର,୫।୯(ନିପ୍ର); ଚିତ୍ରୋତ୍ପଳା ନଦୀରୁ ଭାସୁଥିବା ଅବସ୍ଥାରେ ସାଲେପୁର ପୁଲିସ ଦମକଳ ବିଭାଗ ସହାୟତାରେ ଏକ ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସକାଳ ସମୟରେ ସାଲେପୁର ବ୍ଲକ୍ କାଠାହାର ଗ୍ରାମ ନିକଟରେ ଚିତ୍ରୋତ୍ପଳା ନଦୀରେ ଏକ ମୃତ ଦେହ ଭାସୁଥିବାର ପଠାକୁ ଯାଇଥିବା ମଇଁଷିଆଳ ଦେଖିଲାପରେ ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଦମକଳ ବାହିନୀ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିଥିବାବେଳେ ମୃତ ଦେହର ସଂପୂର୍ଣ୍ଣ ପଚିସଢ଼ି ଯାଇଥିବାବେଳେ ତାହାର କୌଣସି ପରିଚୟ ମିଳିପାରିନାହିଁ।

ମୃତ ଯୁବକ ଜଣକ ଏକ ଧଳା ରଂଗର ଚେକ୍ ସାର୍ଟ ଓ ବ୍ଲୁ କଲର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ବେଳେ ତାହାର ବୟସ ୪୫ରୁ ୫୦ବର୍ଷ ମଧ୍ୟରେ ହୋଇଥିବାବେଳେ ତହାର ଉଚ୍ଚତା ୫ଫୁଟ ୪ଇଞ୍ଚ ହୋଇଥିବା ଅନୁମାନ କରାଯାଉଛି। ସାଲେପୁର ପୁଲିସ ମୃତ ଦେହକୁ ଜବତ କରି ସାଲେପୁର ଥାନାରେ ୩୮/୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ମୃତ ଯୁବକର ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ତାହାର ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସାଲେପୁର ଆଇ.ଆଇ.ସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ସାଲେପୁର କଲେଜ ରାସ୍ତା ଶୋଚନୀୟ, ପ୍ରବେଶ ପଥ ପାଲଟିଛି ଦୁର୍ଘଟଣା ଜୋନ୍

ସାଲେପୁର,୫।୯ (ନିପ୍ର): ସାଲେପୁର କଲେଜ ରୋଡ୍ ସାଲେପୁର ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଦୈନନ୍ଦିନ ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ବେଳେ ରୋଗୀମାନେ ମଧ୍ୟ ଡାକ୍ତରଖାନାକୁ ଦୁଇଚକିଆ ଓ ଚାରିଚକିଆ ଯାନ ଯୋଗେ ଯାତାୟତ କରିଥାନ୍ତି।

କିନ୍ତୁ ଦୁଃଖର ବିଷୟ ଏହି ରାସ୍ତାର ପ୍ରବେଶ ପଥରେ ବଡ଼ ବଡ଼ ୨ଟି ଗର୍ତ୍ତ ସୃଷ୍ଟି ହୋଇ ବିପଦ ସଂକୁଳ ଅବସ୍ଥାରେ ରହିଥିବାବେଳେ ଏହାକୁ ବିଭାଗ ପକ୍ଷରୁ ମରାମତି କରାଯାଉନଥିବାରୁ ବର୍ଷାଦିନେ ବର୍ଷା ପାଣି ଜମି ଗର୍ତ୍ତଟି ପରିପୂର୍ଣ୍ଣ ହୋଇଯିବାରୁ ପଥଚାରୀମାନେ ଜାଣିନପାରି ଏହି ଗର୍ତ୍ତରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା ଏକାଧିକ ନଜିର ସାମ୍ନାକୁ ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ମୁଖ୍ୟରାସ୍ତାରୁ ସାଲେପୁର କଲେଜକୁ ଯିବାପାଇଁ ଥିବା ରାସ୍ତାର ବିଜୁପଟ୍ଟନାୟକ ଛକ ନିକଟରେ ବିରାଟ ବିରାଟ ଗର୍ତ୍ତ



ହୋଇଥିବାବେଳେ ଏହି ଗର୍ତ୍ତରେ ପଡି ବହୁ ଲୋକ ଆହତ ହେଉଛନ୍ତି। ଏହି ଗର୍ତ୍ତକୁ ପୂର୍ତ୍ତ ବିଭାଗ ପକ୍ଷରୁ ପୋତା ଯାଉନାହିଁ। ଏହି ଗର୍ତ୍ତ ହୋଇଥିବାରୁ ସାଲେପୁର କଲେଜ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସାଲେପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଫାର୍ମାସୀ କଲେଜ, କାନାରା ବ୍ୟାଙ୍କ୍, ଅବକାରୀ ବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ପାନୀୟଜଳ ପରିମଳ ବିଭାଗ କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟକୁ ଲୋକମାନେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାଉଥିବାବେଳେ ଏଠାରେ ରାସ୍ତା ଫାଟି ଗର୍ତ୍ତ ହୋଇଥିବାବେଳେ ଏହି ଗର୍ତ୍ତ ପ୍ରତି କାହାର ଦୃଷ୍ଟି ପଡୁନାହିଁ। ସେହିପରି ଏହି ରାସ୍ତାଟି ସାଲେପୁର ବିଜୁ ପଟ୍ଟନାୟକ ଛକ ଠାରୁ କଲେଜ ପର୍ଯ୍ୟନ୍ତ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିବାବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ରାସ୍ତା ଦବି ଯାଇଥିବାବେଳେ ଏହାର ମରାମତି କାର୍ଯ୍ୟ କରାଯାଇନାହିଁ। ଫଳରେ ଏହି ରାସ୍ତା ଦେଇ ନିୟମିତ ଶହ ଶହ ସଂଖ୍ୟକ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ରୋଗୀ ଯାତାୟତ କରୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ନେଇ ସାଲେପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେଉନଥିବାରୁ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ବିଶେଷ କରି ଏହି ଜନଗହଳି ରାସ୍ତାରେ ଏଭଳି ଗର୍ତ୍ତ ପ୍ରାୟ ଦୀର୍ଘମାସ ଧରି ହୋଇଥିବାବେଳେ ଏବଂ ସେ ଏହି ରାସ୍ତା ଦେଇ ଯାଉଥିବାବେଳେ କିଭଳି ତାଙ୍କ ଦୃଷ୍ଟିକୁ ପଡିନାହିଁ ତାହାନେଇ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।

## ସୁଭାଷ ଚନ୍ଦ୍ରାଙ୍କୁ ଝଟ୍କା: ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ,୫।୯:ଏସେଲ୍ ଗ୍ରୁପର ଚେୟାରମ୍ୟାନ୍ ଏବଂ ଜି ଗ୍ରୁପର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ରାଙ୍କ ଅଡୁଆ ବଢ଼ିଛି। ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ସହ ପ୍ରାୟ ୧,୩୨୨ କୋଟି ଟଙ୍କାର କଥିତ ଠକେଇ ଅଭିଯୋଗରେ ସିବିଆଇ ତାଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ରିପୋର୍ଟ ଅନୁସାରେ, ଏଲଆଇସି ହାଉସିଂ ଫାଇନାନ୍ସର ଅଭିଯୋଗ ଆଧାରରେ ସୁଭାଷ ଚନ୍ଦ୍ରାଙ୍କ ବ୍ୟତୀତ ପଙ୍କଜ ସୁରୋଲିଆ, ଅମିଶ ପାଣ୍ଡ୍ୟା ଏବଂ ରାଜୀବ ଢୋଲକିଆଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଛି। ୨୦୧୮ରୁ ୨୦୨୬ ମଧ୍ୟରେ ଏଲଆଇସି ହାଉସିଂ ଫାଇନାନ୍ସ ସହ ୧,୩୨୨ କୋଟି ଟଙ୍କାରୁ ଅଧିକ ଅର୍ଥ ସମ୍ପର୍କିତ ଅନିୟମିତତା ଓ ଠକେଇ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗ ଅନୁସାରେ,ଏମ/ଏସ ବସନ୍ତ ସାଗର ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ସମେତ ଅନ୍ୟ କିଛି କମ୍ପାନୀ ପାଇଁ ଋଣ ସୁବିଧା ନେବା ସମୟରେ ସୁଭାଷ ଚନ୍ଦ୍ରାଙ୍କ ନାମରେ ଏକ ନେଟଓ୍ୱର୍ଥ ସାର୍ଟିଫିକେଟ୍ ଦାଖଲ କରାଯାଇଥିଲା। ସେଥିରେ ୨୦୧୮ରେ ତାଙ୍କ ନେଟଓ୍ୱର୍ଥ ପ୍ରାୟ୫୯,୧୧୩ କୋଟି ଟଙ୍କାଥିବା ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏହି ନେଟଓ୍ୱର୍ଥ ସାର୍ଟିଫିକେଟ୍ ଆଧାରରେ ଚନ୍ଦ୍ରାଙ୍କ ସହ ସମ୍ପର୍କିତ ତିନିଟି କମ୍ପାନୀକୁ ଏଲଆଇସି ହାଉସିଂ ଫାଇନାନ୍ସ ପକ୍ଷରୁ ଋଣ ଦିଆଯାଇଥିବା କୁହାଯାଉଛି।

## ସିଆ ଗୋୟଲ-ଚେତନ ଚୌଧୁରୀଙ୍କ ତୃତୀୟ ସହଯୋଗୀ ଗିରଫ

ମୁମ୍ବାଇ,୫।୯: ପୁନେର ଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟାକାଣ୍ଡ ଘଟଣା। ଯାହାକୁ ନେଇ ସାରା ଦେଶ ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇ ଯାଇଥିଲା। ଏହି ହତ୍ୟାକାଣ୍ଡରେ ଏବେ ଏକ ନୂଆ ଚରିତ୍ରର ଏଣ୍ଟ୍ରି ହୋଇଛି । ପୁଲିସ ଜଣେ ନୂଆ ଅଭିଯୁକ୍ତକୁ ଚିହ୍ନଟ କରିବା ସହ ତାକୁ ହାଜତକୁ ନେଇଛି । କୁହାଯାଉଛି ଯେ, ତାକୁ ଏହି ମାମଲାରେ ସହ-ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ନୂଆ ଅଭିଯୁକ୍ତ ଜଣକ ଚେତନ ଚୌଧୁରୀର ସହପାଠୀ ରିତେଶ ହିଙ୍ଗେ। ଜୁନ୍ ୧୮ ତାରିଖରେ ଲୋହାଗଡ଼ କିଲ୍ଲାରେ କେତନ ଅଗ୍ରୱାଲଙ୍କୁ ହତ୍ୟା କରାଯିବାର ଯୋଜନା ବିଷୟରେ ସେ ପୂର୍ବରୁ ସବୁ କିଛି ଜାଣି ଥିଲା । ସୂତ୍ରାନୁସାରେ, ଚେତନ ଚୌଧୁରୀ ଏବଂ ତାଙ୍କ ଗର୍ଲଫ୍ରେଣ୍ଡ୍ ସିଆ ଗୋୟଲ୍ ନିଜ ସହପାଠୀ ସହ ମିଶି ଏହି ହତ୍ୟାକାଣ୍ଡର ଯୋଜନା ପ୍ରସ୍ତୁତ କରିଥିଲେ।

## ମାଲ୍‌ଦା ହସ୍ପିଟାଲରେ ମାସକରେ ୮୯ ଶିଶୁଙ୍କ ମୃତ୍ୟୁ : ୨ ବରିଷ୍ଠ ଅଧିକାରୀ ବହିଷ୍କୃତ

ମାଲଦା,୫।୯: ପଶ୍ଚିମବଙ୍ଗରେ ମାଲଦା ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଗତ ଗୋଟିଏ ମାସ ମଧ୍ୟରେ ୮୯ ଜଣ ଶିଶୁଙ୍କର ମୃତ୍ୟୁ ହୋଇଯାଇଛି। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ମାଲଦା ମେଡିକାଲ କଲେଜ ଏବଂ ହସ୍ପିଟାଲର ଶିଶୁ ବିଭାଗ ମୁଖ୍ୟ ଏବଂ ସୁପରିଟେଣ୍ଡେଣ୍ଟଙ୍କୁ ହଟାଇ ଦେଇଛନ୍ତି। ହସ୍ପିଟାଲରେ ଶିଶୁ ମୃତ୍ୟୁ ବଢ଼ିବାରୁ ଏକ ୭ ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ ହେଲା ଏବଂ ଏହି କମିଟି ହସ୍ପିଟାଲର ଶିଶୁ ଏବଂ ମାତୃ ବିଭାଗର ସ୍ଥିତି ଭଲଭାବେ ସମୀକ୍ଷା କରିବାପରେ ସ୍ୱାସ୍ଥ୍ୟ ବିଭାଗ ଆଜି ନିର୍ଦ୍ଦେଶ ଜାରି କରିଛି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରଳୟ ଆଚାର୍ଯ୍ୟଙ୍କ ନେତୃତ୍ୱାଧୀନ ଏକ ସ୍ୱତନ୍ତ୍ର ଟିମ୍ ଗତ ସପ୍ତାହରେ ମାଲଦା ମେଡିକାଲ କଲେଜ ଏବଂ ହସ୍ପିଟାଲ ଯାଇଥିଲେ ଏବଂ ସେମାନେ ମେଡିକାଲ କଲେଜର ଅଧିକାରୀମାନଙ୍କ ସହ ଏକ ବୈଠକ କରିଥିଲେ। ଏହି ଗସ୍ତ ସମୟରେ ଟିମ୍ ମେଡିକାଲ କଲେଜର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବକୁ ନେଇ ଚିନ୍ତା ପ୍ରକଟ କରିଥିଲେ। କମିଟି ଏହାର ରିପୋର୍ଟକୁ ଲିଖିତ ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାଖଲ କରିବ। ତେବେ ଘଟଣା ସ୍ଥଳରେ ସ୍ଥିତି ଯାଞ୍ଚ କରିବାପରେ ସ୍ୱାସ୍ଥ୍ୟ ବିଭାଗ ମାଲଦା ମେଡିକାଲ କଲେଜ ଏବଂ ହସ୍ପିଟାଲର ସୁପରିନଟେଣ୍ଡେଣ୍ଟ ପ୍ରସନଜିତ ବୋର୍ ଏବଂ ଶିଶୁ ବିଭାଗ ମୁଖ୍ୟ ସୁଷମା ସଙ୍କୁ ବହିଷ୍କାର କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ସର୍କିଟ ହାଉସ ପରିସରରେ ନମାଜ ପଢ଼ିବା ଯୋଗୁଁ ସମାଜବାଦୀ ପାର୍ଟି ନେତାଙ୍କ ନାଁରେ ମାମଲା

ମୋରାଦାବାଦ,୫।୯: ଉତ୍ତରପ୍ରଦେଶର ମୋରାଦାବାଦରେ ସମାଜବାଦୀ ପାର୍ଟି (ଏସପି)ର ଜିଲ୍ଲାଉପାଧକ୍ଷ ହାଜି ମହମ୍ମଦ ଉସମାନ୍ ରାସ୍ତା ଉପରେ ନମାଜ ପାଠ କରି ବିବାଦକୁ ଆସିଛନ୍ତି। ସର୍କିଟ ହାଉସ୍ ରୋଡରେ ହାଜି ମହମ୍ମଦ ନମାଜ ପଢୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏକ ହିନ୍ଦୁ ସଙ୍ଗଠନ ବିରୋଧ କରିବା ପରେ ଏତଲା ରୁଜୁ ହୋଇଛି। ହାଜି ମହମ୍ମଦ ବିଲାରୀ ବିଧାୟକ ମହମ୍ମଦ ଫହିମ୍ ଇର୍ଫାନଙ୍କ ନିକଟ ସମ୍ପର୍କୀୟ। ଗୁରୁବାର ସର୍କିଟ ହାଉସରେ ସମାଜବାଦୀ ପାର୍ଟି ନେତାଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲାବେଳେ ଏହି ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ବିଧାନ ପରିଷଦର ବିରୋଧୀ ଦଳ ନେତା ଲାଲ ବିହାରୀ ଯାଦବ ସର୍କିଟ ହାଉସରେ ସରକାରୀ ପ୍ରୋଟୋକଲ ଅନୁଯାୟୀ, ସମାଜବାଦୀ ପାର୍ଟିର ସ୍ଥାନୀୟ ନେତାଙ୍କ ସହିତ ବୈଠକ କରୁଥିଲେ। ସେହି ବୈଠକରେ ହାଜି ମହମ୍ମଦ ଯୋଗ ଦେଇଥିଲେ। ଅପରାହ୍ଣରେ ବୈଠକ ଶେଷ ହେବା ପରେ ହାଜି ମହମ୍ମଦ ବାହାରକୁ ଯାଇ ନମାଜ ପଢ଼ିଥିଲେ। ଜଣେ ସମାଜବାଦୀ ପାର୍ଟି କର୍ମୀଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଭିଡିଓରେ ହାଜି ପାର୍କିଂ ହୋଇଥିବା ଏକ କାର୍ ପାଖରେ ପ୍ରାର୍ଥନା କରୁଥିବାର ଦେଖାଯାଇଛି। ଏହି ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ସରକାରୀ କାର୍ଯ୍ୟାଳୟ ପରିସରରେ ଧାର୍ମିକ କାର୍ଯ୍ୟକଳାପକୁ ଅନୁମତି ଦିଆଯିବା ଉଚିତ କି ନାହିଁ ସେ ବିଷୟରେ ବିତର୍କ ଆରମ୍ଭ ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା ଧାରା ୨୮୫ ଓ ୨୯୨ ଅନ୍ତର୍ଗତ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ବିବାହ ଉତ୍ସବରେ କ୍ଷେପଣାସ୍ତ୍ର ମାଡ଼, ୫ ମୃତ; ୬୦ରୁ ଅଧିକ ଆହତ

ତେହେରାନ,୫।୯: ଦକ୍ଷିଣ ଇରାନର କୁହେସ୍ତାକ ସହରରେ ଏକ ବିବାହ ଉତ୍ସବ ପାଇଁ ପରିବାର ଓ ସମ୍ପର୍କୀୟ ଏକାଠି ହୋଇଥିବା ବେଳେ ଆମେରିକୀୟ ଆକ୍ରମଣରେ ଭୟଙ୍କର ଧ୍ୱଂସ ଘଟିଥିବା ଅଭିଯୋଗ ହୋଇଛି। ଘଟଣାରେ ଅନ୍ତତଃ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶିଶୁଙ୍କ ସମେତ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିବାହରେ ବର-କନ୍ୟା ପହଞ୍ଚିବା ପୂର୍ବରୁ ବିସ୍ଫୋରଣ ଘଟିଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପ୍ରଥମେ ନିକଟସ୍ଥ ଏକ କମ୍ୟୁନିକେସନ ଟାୱାରକୁ ମିସାଇଲ୍ ଆକ୍ରମଣ କରାଯାଇଥିଲା। ପରେ ବିବାହ ସମାରୋହ ଚାଲିଥିବା ସ୍ଥାନ ନିକଟରେ ଦୁଇଟି ଡ୍ରୋନ୍ ଆକ୍ରମଣ ହୋଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବିସ୍ଫୋରଣ ପରେ ଘଟଣାସ୍ଥଳରେ ଭଙ୍ଗାଘର ଓ ଧ୍ୱଂସାବଶେଷର ଦୃଶ୍ୟ ଦେଖିବାକୁ ମିଳିଛି। ଉଦ୍ଧାରକାରୀମାନେ ଧ୍ୱଂସାବଶେଷ ତଳୁ ଆହତ ଓ ମୃତକଙ୍କୁ ବାହାର କରିଥିଲେ। ଆକ୍ରମଣ ପରବର୍ତ୍ତୀ ଦୃଶ୍ୟଗୁଡ଼ିକ ଖୁବ୍ ହୃଦୟବିଦାରକ ଥିଲା। ବିବାହ ଉତ୍ସବର ଅତିଥିମାନଙ୍କ ଜୋତା ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିଥିବାବେଳେ ଗୋଟିଏ ପିଲାର ଫୁସଫୁସ୍ କ୍ଷତିଗ୍ରସ୍ତ ହୋଇଥିଲା।

# ଶିକ୍ଷକମାନେ ‘ରାଷ୍ଟ୍ର ନିର୍ମାଣର ଅଗ୍ରଣୀ ସୈନିକ’ : ରାଷ୍ଟ୍ରପତି ମୁର୍ମୁ



ନୂଆଦିଲ୍ଲୀ,୫।୯: ଗୁରୁ ଦିବସରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ‘ରାଷ୍ଟ୍ର ନିର୍ମାଣର ଅଗ୍ରଣୀ ସୈନିକ’ କହିଛନ୍ତି। ବିଶେଷକରି ବଞ୍ଚିତ ଓ ଅସୁବିଧାରେ ଥିବା ପରିବାରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସୁକତା, ଆତ୍ମବିଶ୍ୱାସ ଓ ସମ୍ବେଦନଶୀଳତା ବିକଶିତକରିବାରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି। ଶନିବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ରାଷ୍ଟ୍ରପତି ମୁର୍ମୁ ଏହି ଟିପ୍ପଣୀ ଦେଇଛନ୍ତି। ଚଳିତ ବର୍ଷର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ମୁର୍ମୁ ଶିକ୍ଷା କ୍ଷେତ୍ରର ଅଗ୍ରଦୂତ ସାବିତ୍ରୀବାଇ ଫୁଲେ, ରବୀନ୍ଦ୍ରନାଥ ଠାକୁର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ଶିକ୍ଷାର ପ୍ରସାର ଏବଂ ପ୍ରାକୃତିକ ପରିବେଶରେ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବାରେ ସେମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ଠାକୁରଙ୍କ ଶାନ୍ତିନିକେତନ ଏବଂ ଗୋପବନ୍ଧୁ ଦାସଙ୍କ ‘ବନ ବିଦ୍ୟାଳୟ’ ବା ଖୋଲା ଆକାଶ ତଳେ ଶିକ୍ଷାଦାନକୁ ଉଦାହରଣ ଭାବେ ଦର୍ଶାଇଥିଲେ। ଚଳିତ ବର୍ଷ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମୋଟ ୮୨ ଜଣ ଶିକ୍ଷକ ଓ ଶିକ୍ଷାବିତ୍‌ଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୪୮ ଜଣ ସ୍କୁଲ ଶିକ୍ଷକ, ଉଚ୍ଚଶିକ୍ଷାନୁଷ୍ଠାନ ଓ ପଲିଟେକ୍ନିକର ୨୧ ଜଣ ଶିକ୍ଷକ ଏବଂ ଅଧ୍ୟାପକ, ଏବଂ କୌଶଳ ବିକାଶ ଓ ଉଦ୍ୟୋଗୀତା ମନ୍ତ୍ରଣାଳୟର ୧୩ ଜଣ କୌଶଳ ପ୍ରଶିକ୍ଷକ ଅଛନ୍ତି। ଲଦାଖଠାରୁ ଆରମ୍ଭ କରି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଏବଂ ଅରୁଣାଚଳ ପ୍ରଦେଶରୁ ଗୁଜରାଟ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଞ୍ଚଳରୁ ପୁରସ୍କାର ବିଜେତାମାନେ ଆସିଥିବାର ଉଲ୍ଲେଖ କରି ମୁର୍ମୁ କହିଥିଲେ ଏହା ଅତ୍ୟନ୍ତ ଉତ୍ସାହଜନକ ଯେ ବହୁ ସଂଖ୍ୟକ ପୁରସ୍କାରପ୍ରାପ୍ତ ଶିକ୍ଷକ ଗ୍ରାମାଞ୍ଚଳର ସ୍କୁଲରେ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ଓ ପ୍ରଶିକ୍ଷଣ ପଦ୍ଧତି ଅନ୍ୟ ଶିକ୍ଷକମାନଙ୍କୁ ମଧ୍ୟ ଉତ୍କର୍ଷତା ହାସଲ କରିବା ପାଇଁ ପ୍ରେରଣା ଦେଇପାରିବ। ସ୍କୁଲ, ଉଚ୍ଚଶିକ୍ଷାନୁଷ୍ଠାନ ଓ ପଲିଟେକ୍ନିକର ଶିକ୍ଷକମାନଙ୍କ ସହ କୌଶଳ ପ୍ରଶିକ୍ଷକମାନଙ୍କୁ ସମ୍ମାନିତ କରିବାର ଗୁରୁତ୍ୱ ଉପରେ ମଧ୍ୟ ରାଷ୍ଟ୍ରପତି ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଶିକ୍ଷାଗତ ଉତ୍କର୍ଷତା, କୌଶଳବିକାଶ ଓ ଉଦ୍ୟୋଗୀତା ଭାରତର ବିକାଶ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଭାରତକୁ ଏକ ‘ଜ୍ଞାନ ମହାଶକ୍ତି’ ଏବଂ ‘ବିଶ୍ୱର କୌଶଳ ରାଜଧାନୀ’ ରେ ପରିଣତ କରିବାର ଲକ୍ଷ୍ୟ ପୂରଣରେ ସହାୟକ ହେବ।

## ‘ବାଲ୍ୟ ବିବାହ ମୁକ୍ତ ଭାରତ’ ଅଭିଯାନକୁ ଜାତିସଂଘର ସ୍ୱୀକୃତି

ନୂଆଦିଲ୍ଲୀ,୫।୯: ବାଲ୍ୟ ବିବାହ, କମ୍ ବୟସରେ ଏବଂ ଜବରଦସ୍ତ ବିବାହ ଭଳି ପ୍ରଥାକୁ ରୋକିବା ଦିଗରେ ଜାତିସଂଘ ଏକ ବଡ଼ ପଦକ୍ଷେପ ନେଇଛି। ନଭେମ୍ବର ୨୭କୁ‘ବାଲ୍ୟ ବିବାହ, କମ୍ ବୟସ ଏବଂ ବାଧ୍ୟତାମୂଳକ ବିବାହ ଉଚ୍ଛେଦ ପାଇଁ ଅନ୍ତର୍ଜାତୀୟ ଦିବସ’ଭାବେ ଘୋଷଣା କରାଯାଇଛି। ଭାରତ ପାଇଁ ମଧ୍ୟ ଏହି ତାରିଖର ଗୁରୁତ୍ୱ ରହିଛି। କାରଣ୨୭ ନଭେମ୍ବର ୨୦୨୪ରେ କେନ୍ଦ୍ର ସରକାର‘ବାଲ୍ୟ ବିବାହ ମୁକ୍ତ ଭାରତ’ ଅଭିଯାନ ଆରମ୍ଭ କରିଥିଲେ। ଏହି ଅନ୍ତର୍ଜାତୀୟ ଦିବସ ପାଇଁ ପଦକ୍ଷେପ ନେଇଥିଲେ Just Rights for Childrenର ପ୍ରତିଷ୍ଠାତା ଭୁବନ ରଭୁ। ମାର୍ଚ୍ଚ ୨୦୨୬ରେ ଜାତିସଂଘରେ ନିଜ ଅଭିଭାଷଣ ସମୟରେ ସେ ବାଲ୍ୟ ବିବାହ ବିରୋଧରେ ଏକ ସମର୍ପିତ ଅନ୍ତର୍ଜାତୀୟ ଦିବସ ଘୋଷଣା ପାଇଁ ପ୍ରସ୍ତାବ ଆଣିବା କଥା କହିଥିଲେ। ଏହି ସମୟରେ ସିଏରା ଲିଓନର ଫର୍ଷ୍ଟ ଲେଡିଡା. ଫାତିମା ମାଦା ବାୟୋମଧ ଉପସ୍ଥିତ ଥିଲେ ଏବଂ ଏହି ପଦକ୍ଷେପକୁ ସମର୍ଥନ କରିଥିଲେ। ପରେ ସିଏରା ଲିଓନ ଭାରତ ସମେତ ୬୭ଟି ଦେଶର ସମର୍ଥନରେ ଜାତିସଂଘ ମହାସଭାରେ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା। ଏହି ପ୍ରସ୍ତାବରେ ନଭେମ୍ବର ୨୭କୁ ବାଲ୍ୟ ବିବାହ ଉଚ୍ଛେଦ ପାଇଁ ସମର୍ପିତ ଅନ୍ତର୍ଜାତୀୟ ଦିବସ ଭାବେ ଘୋଷଣା କରିବାକୁ ଦାବି କରାଯାଇଥିଲା। ୪ ସେପ୍ଟେମ୍ବରରେ ଜାତିସଂଘ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ପ୍ରସ୍ତାବ ଉପସ୍ଥାପନ ସମୟରେ ସିଏରା ଲିଓନର ଫର୍ଷ୍ଟ ଲେଡି ଭୁବନ ରଭୁଙ୍କ ସଂଗଠନ Just Rights for Childrenର ମଧ୍ୟ ବିଶେଷ ଉଲ୍ଲେଖ କରିଥିଲେ। ଜାତିସଂଘରେ ପ୍ରସ୍ତାବ ପାରିତ ହେବା ସମୟରେ ଭୁବନ ରଭୁ ମଧ୍ୟ ଜାତିସଂଘ ପ୍ରତିନିଧିମଣ୍ଡଳ ସହ ଉପସ୍ଥିତ ଥିଲେ। ସେ କହିଛନ୍ତି ଯେ, ଶିଶୁ ସୁରକ୍ଷା କ୍ଷେତ୍ରରେ ଭାରତ ବିଶ୍ୱ ପାଇଁ ଏକ ଉଦାହରଣ ହେଉଛି। ତାଙ୍କ ଅନୁସାରେ,୨୭ ନଭେମ୍ବର ୨୦୨୪ରେ‘ବାଲ୍ୟ ବିବାହ ମୁକ୍ତ ଭାରତ’ ଅଭିଯାନ ଅଧୀନରେ ୨୫ କୋଟିରୁ ଅଧିକ ଲୋକ ଏକାଠି ହୋଇ ବାଲ୍ୟ ବିବାହ ବିରୋଧରେ ଶପଥ ନେଇଥିଲେ। ତେଙ୍କ ଏବେ ୨୦୩୦ ସୁଦ୍ଧା ବାଲ୍ୟ ବିବାହକୁ ଶେଷ କରିବା ପାଇଁ ବିଶ୍ୱର ସମସ୍ତ ସରକାର ନିର୍ଣ୍ଣାୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଭୁବନ ରଭୁ ଆହ୍ୱାନ କରିଛନ୍ତି।

## ଶିକ୍ଷକଙ୍କ ସହ ମୋଦିଙ୍କ କଥାବାର୍ତ୍ତା
### ଆଲୋଚନା ପୂର୍ବକ ମାଗିଲେ ପରାମର୍ଶ



ନୂଆଦିଲ୍ଲୀ,୫।୯: ଶିକ୍ଷକ ଦିବସ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ବିଶେଷ ଶିକ୍ଷକଙ୍କୁ ଭେଟିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କୁ ଏଥିରେ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ପିଏମ ମୋଦି ଶିକ୍ଷକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ସେମାନଙ୍କଠାରୁ ପରାମର୍ଶ ମଧ୍ୟ ମାଗିଥିଲେ। ଏହାର ଏକ ଭିଡିଓ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମଧ୍ୟ ଶେୟାର କରାଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଜଣେ ଶିକ୍ଷକଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସେ କାଶୀର ସାଂସଦ। ସେଠାରେ ସେ ବ୍ରେଷ୍ଟ କ୍ୟାନସରକୁ ନେଇ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଏବେ ମହିଳାମାନେ ନିଜେ ଆଗକୁ ଆସି ଯାଞ୍ଚ କରାଉଥିବା ଦେଖି ସେ ଖୁସି ଅନୁଭବ କରୁଥିବା କହିଥିଲେ। ପୂର୍ବରୁ ଏଭଳି ସ୍ଥିତି ନଥିଲା ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହାସହ ଗୋଟିଏ ଦିନରେ ସର୍ବାଧିକ ଲୋକଙ୍କ ସ୍କ୍ରିନିଂ କରାଯିବା ଏକ ବିଶ୍ୱ ରେକର୍ଡ ହୋଇଥିବା ଅନୁଭୂତି ବିଷୟରେ ମଧ୍ୟ ସେ କହିଥିଲେ। ଆଲୋଚନାର ଏକ ରୋଚକ ଅଂଶ ଥିଲା ପବ୍ଲିକ ସ୍ପିକିଂ। ନିଜର ବକ୍ତୃତା କୌଶଳକୁ ଆହୁରି ଭଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜଣେ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ମାଗିଥିଲେ। ସେ ପଚାରିଥିଲେ, ଯଦି ମୁଁ ଆପଣଙ୍କ ପାଖରେ ଜଣେ ଛାତ୍ର ହୋଇଥାନ୍ତି ଏବଂ ଜଣେ ଦକ୍ଷ ବକ୍ତା ହେବାକୁ ଚାହୁଁଥାନ୍ତି, ତେବେ ଆପଣ ମୋତେ କ’ଣ ପରାମର୍ଶ ଦେଇଥାନ୍ତେ? ମୋତେ କ’ଣ କରିବା ଉଚିତ୍? ଏହାର ଉତ୍ତରରେ ଶିକ୍ଷୟିତ୍ରୀ ଜଣକ କହିଥିଲେ ଯେ ଜଣେ ଦକ୍ଷ ବକ୍ତା ହେବା ପାଇଁ ପ୍ରଥମେ ଆତ୍ମବିଶ୍ୱାସ ଆବଶ୍ୟକ। ଅଧିକ ଅଭ୍ୟାସ ଦ୍ୱାରା ଆତ୍ମବିଶ୍ୱାସ ଆସିଥାଏ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଦେଖି ସେ ନିଜେ ମଧ୍ୟ ଟିକେ ନର୍ଭସ ହୋଇଯାଇଥିବା କଥା ହସିହସି କହିଥିଲେ। ଶିକ୍ଷକ ଦିବସର ଏହି ସାକ୍ଷାତକାରରେ ପିଏମ ମୋଦି ଓ ଶିକ୍ଷକମାନଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ଏବେ ଚର୍ଚ୍ଚାରେ ରହିଛି।

## ପୁଟିନଙ୍କ ନିର୍ଦ୍ଦେଶ
# ୩ ଦିନ ପାଇଁ କିଭ୍ ଉପରେ ଆକ୍ରମଣ ବନ୍ଦ



ମସ୍କୋ,୫।୯: ହଠାତ୍ ୟୁକ୍ରେନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ରୁଷ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଶନିବାରଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ କିଭ୍ ଉପରେ କୌଣସି ପ୍ରକାରର ଆକ୍ରମଣ ନ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଆମେରିକାର ବିଶେଷ ପ୍ରତିନିଧି ଷ୍ଟିଭ୍ ୱିଟକଫ୍ ଓ ଜାରେଡ୍ କୁଶନେର୍ ରୁଷ ଗସ୍ତରେ ଥିବା ବେଳେ ପୁଟିନଙ୍କ ଏହି ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା ବଢ଼ିଛି। କ୍ରେମଲିନ୍ ମୁଖପାତ୍ର ଡିମିତ୍ରି ପେସ୍କଭ୍ କହିଛନ୍ତି ଯେ, ପୁଟିନ୍ ଶନିବାର ଆମେରିକାର ଦୁଇ ପ୍ରତିନିଧିଙ୍କ ସହ ବୈଠକ କରିବେ। ଏହି ଆଲୋଚନା ପୂର୍ବରୁ କିଭ୍ ଉପରେ ୩ ଦିନ ପାଇଁ ଆକ୍ରମଣ ବନ୍ଦ ରଖିବାକୁ ରୁଷ ସେନାକୁ ନିର୍ଦ୍ଦେଶ ଦିଆଯାଇଛି।ବର୍ତ୍ତମାନ ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆମେରିକା କୂଟନୈତିକ ଉଦ୍ୟମ ଚଳାଇଥିବା ବେଳେ ୱିଟକଫ୍ ଓ କୁଶନେର୍ ଶନିବାର ମସ୍କୋରେ ପହଞ୍ଚିଛନ୍ତି। ସେମାନେ ପୁଟିନଙ୍କ ସହ ଯୁଦ୍ଧର ସ୍ଥିତି ଓ ଏହାର ସମ୍ଭାବ୍ୟ ସମାଧାନ ନେଇ ବିସ୍ତୃତ ଆଲୋଚନା କରିବେ। ଆମେରିକୀୟ ପ୍ରତିନିଧିମାନେ ମସ୍କୋରେ ପହଞ୍ଚିବା ପରେ ରୁଷ ରାଷ୍ଟ୍ରପତିଙ୍କ କୂଟନୈତିକ ପ୍ରତିନିଧି କିରିଲ୍ ଡିମିତ୍ରିଭ୍ ସେମାନଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ସେମାନଙ୍କ ସହ କିଛି ସମୟ ଆଲୋଚନା କରିବା ପରେ ଡିମିତ୍ରିଭ୍ ବିମାନବନ୍ଦର ଛାଡ଼ିଥିଲେ। ଏହାପୂର୍ବରୁ ପୁଟିନ୍ ଓ ଆମେରିକୀୟ ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ମଧ୍ୟ ଡିମିତ୍ରିଭ୍ ଉପସ୍ଥିତ ଥିଲେ। ଆମେରିକା ପକ୍ଷରୁ ଆଲୋଚନା ଟିମରେ ଥିବା ସଦସ୍ୟମାନଙ୍କ ସହ ମଧ୍ୟ ସେ ନିୟମିତ ଯୋଗାଯୋଗରେ ରହୁଥିଲେ। ଏବେ ମସ୍କୋରେ ପହଞ୍ଚିଥିବା ଆମେରିକୀୟ ପ୍ରତିନିଧିଙ୍କୁ ସେ ପ୍ରଥମେ ଭେଟିଛନ୍ତି। ଏହାପରେ ପୁଟିନ୍ ସେମାନଙ୍କ ସହ ଆଲୋଚନା କରିବେ। ଏପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଥିଲେ ଯେ, ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ୱାଶିଂଟନ୍ ପାଖରେ ଏକ ନୂଆ ପ୍ରସ୍ତାବ ରହିଛି।

## ଜାତିସଂଘର ନୂଆ ବିଶ୍ୱ ମାନଚିତ୍ର
# ଆଫ୍ରିକାର ଆକାର ବୃଦ୍ଧି, ହ୍ରାସ ପାଇଲା ଉତ୍ତର ଆମେରିକା



ନ୍ୟୁୟର୍କ,୫।୯: ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ଦେଶଗୁଡ଼ିକର ପ୍ରକୃତ ଆକାର ଓ କ୍ଷେତ୍ରଫଳକୁ ସଠିକ୍ ଭାବେ ଦର୍ଶାଉଥିବା ଏକ ନୂତନ ବିଶ୍ୱ ମାନଚିତ୍ର ଗ୍ରହଣ କରିବାକୁ ସଙ୍କଳ୍ପ ପାରିତ କରିଛି। ଏହି ନୂଆ ମାନଚିତ୍ରରେ ଆଫ୍ରିକା, ଲାଟିନ୍ ଆମେରିକା, ଦକ୍ଷିଣ ଏସିଆ ଓ ଓସେନିଆର ଆକାର ପୂର୍ବ ଅପେକ୍ଷା ବଡ଼ ଦେଖାଯାଉଥିବା ବେଳେ ଉତ୍ତର ଆମେରିକା ଏବଂ ୟୁରୋପର ଆକାର ହ୍ରାସ ପାଇଛି। ଏହି ପ୍ରସ୍ତାବ ସପକ୍ଷରେ ୧୬୪ଟି ଦେଶ ଭୋଟ୍ ଦେଇଥିବା ବେଳେ ଆମେରିକା ଏହାକୁ ବିରୋଧ କରି ବିପକ୍ଷରେ ଭୋଟ୍ ଦେଇଛି ଏବଂ ୬ଟି ଦେଶ ଭୋଟଦାନରୁ ବିରତ ରହିଛନ୍ତି।‘ଇକ୍ୱାଲ୍ ଆର୍ଥ’ ନାମକ ଏହି କାର୍ଟୋଗ୍ରାଫିକ୍ ପ୍ରୋଜେକ୍ସନକୁ ସମଗ୍ର ବିଶ୍ୱ ଆପଣାଇବା ପାଇଁ ଜାତିସଂଘ ନିବେଦନ କରିଛି। ୧୫୬୯ ମସିହାରେ ସମୁଦ୍ର ଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ପାରମ୍ପରିକ ‘ମର୍କେଟର ପ୍ରୋଜେକ୍ସନ୍’ ବଦଳରେ ଏହାକୁ ବ୍ୟବହାର କରାଯିବ। ପ୍ରସ୍ତାବର ସହ-ପ୍ରାୟୋଜକ ଟୋଗୋ ଏବଂ ଫ୍ରାନ୍ସ ଅନୁସାରେ, ପୁରୁଣା ମାନଚିତ୍ରଗୁଡ଼ିକ ଦ୍ୱାରା ଦେଶଗୁଡ଼ିକର ବିକୃତ ରୂପ ପ୍ରକାଶ ପାଉଥିଲା, ଯାହା ଶିକ୍ଷା ଓ ମାନସିକତାକୁ ପ୍ରଭାବିତ କରୁଥିଲା। ଫ୍ରାନ୍ସ ମଧ୍ୟ ନିଜ ଦେଶରେ ପୁରୁଣା ମାନଚିତ୍ର ବ୍ୟବହାର ବନ୍ଦ କରିବାକୁ ଘୋଷଣା କରିଛି। ପାରମ୍ପରିକ ‘ମର୍କେଟର ପ୍ରୋଜେକ୍ସନ୍’ରେ ପୃଥିବୀର ଗୋଲାକାର ସ୍ୱରୂପକୁ ସଠିକ୍ ଭାବେ ଦର୍ଶାଇ ପାରୁନଥିବା ବେଳେ ବେଳେ ବିଷୁବରେଖା ପାଖରେ ଥିବା ଦେଶଗୁଡ଼ିକର ଆକାର ଛୋଟ ଏବଂ ଉତ୍ତର ଗୋଲାର୍ଦ୍ଧରେ ଥିବା ଅଞ୍ଚଳଗୁଡ଼ିକର ଆକାର ବହୁତ ବଡ଼ ଦେଖାଯାଉଥିଲା। ଏହି କାରଣରୁ ଆଫ୍ରିକା ଓ ଦକ୍ଷିଣ ଆମେରିକା ସେମାନଙ୍କର ପ୍ରକୃତ କ୍ଷେତ୍ରଫଳ ତୁଳନାରେ ବହୁତ ଛୋଟ ଦେଖାଯାଉଥିଲେ। ୨୦୧୮ରେ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ‘ଇକ୍ୱାଲ୍ ଆର୍ଥ’ ଏହି ତ୍ରୁଟିକୁ ସୁଧାରିଛି। ତେବେ ଆମେରିକା ଏହି ସଙ୍କଳ୍ପକୁ କଡ଼ା ସମାଲୋଚନା କରିଛି। ଆମେରିକୀୟ ପ୍ରତିନିଧି ଯାରିନା ଫେରେନସ୍ୱିଚ୍ କହିଛନ୍ତି ଯେ, ବିଶ୍ୱର ପ୍ରକୃତ ଓ ଜରୁରୀ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ଦେବା ବଦଳରେ ଜାତିସଂଘ ଷୋଡ଼ଶ ଶତାବ୍ଦୀର ମାନଚିତ୍ର ପ୍ରକଳ୍ପ ଉପରେ ଆଲୋଚନା କରି ନିଜର ବିଶ୍ୱସନୀୟତା ହରାଉଛି।

## ବିହାରରେ ବନ୍ୟା: ପାଟନାରେ ହାଇଆଲର୍ଟ
### ୧୩ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ



ପାଟନା,୫।୯: ବିହାରରେ ପ୍ରବଳ ବର୍ଷା ଓ ଗଙ୍ଗା, ଗଣ୍ଡକ ଏବଂ କୋଶୀ ପରି ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ରାଜ୍ୟରେ ଭୀଷଣ ବନ୍ୟା ସ୍ଥିତି ଉପୁଜିଛି। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀ ୧୩ ମନ୍ତ୍ରୀଙ୍କୁ ବନ୍ୟାସ୍ଥିତି ଉପରେ ନଜର ରଖିବାକୁ ଦାୟିତ୍ୱ ଦେଇଛନ୍ତି। ବକ୍ସରରୁ ପାଟନା, ସମସ୍ତିପୁର ଓ ଭାଗଲପୁର ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ପାଟନାରେ ସରକାରୀ ପଦାଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିହାରରେ ବନ୍ୟା ଯୋଗୁଁ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଲଗାତାର ଦ୍ୱିତୀୟ ଦିନ ପାଇଁ ବନ୍ୟା ପ୍ରଭାବିତ ଅଞ୍ଚଳ ଆକାଶ ମାର୍ଗରୁ ବୁଲି ଦେଖିଛନ୍ତି। ଶନିବାର ସମ୍ରାଟ ଚୌଧାରୀ ଭାଗଲପୁର ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସମୀକ୍ଷା କରିଥିଲେ। ବିହାର ସରକାରଙ୍କ ପକ୍ଷରୁ ଗଙ୍ଗା ନଦୀ କୂଳସ୍ଥିତ ଜିଲ୍ଲାଗୁଡ଼ିକରେ ରିଲିଫ ଓ ଉଦ୍ଧାରକାର୍ଯ୍ୟରେ ମନ୍ତ୍ରୀ ଓ ସଚିବଙ୍କୁ ନିୟୋଜିତ କରାଯାଇଛି। ବନ୍ୟା ପ୍ରଭାବିତ ୧୩ ଜିଲ୍ଲାରେ ବୈଶାଳୀ, ବକ୍ସର, ସମସ୍ତିପୁର, ବେଗୁସରାଇ, ଭୋଜପୁର, ପାଟନା, ସାରଣ, ଲଖିସରାଇ, ଜାହାନାବାଦ, ଖଗରିଆ, ମୁଙ୍ଗେ, ଭାଗଲପୁର ଓ କଟିହାର ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଭାରୀ ମନ୍ତ୍ରୀ ଓ ସଚିବ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ତୃଣମୂଳ ସ୍ତରରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିବେ। ଗଙ୍ଗା ନଦୀର ବର୍ଦ୍ଧିତ ଜଳସ୍ତରକୁ ଦୃଷ୍ଟିରେ ରଖି ପାଟନାର ସହରାଞ୍ଚଳରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଲସ୍କର କମାଣ୍ଡର ୟାସିର ନିହତ



ଶ୍ରୀନଗର,୫।୯: ଜାମ୍ମୁ-କାଶ୍ମୀରରେ ସୁରକ୍ଷାବଳଙ୍କୁ ବଡ଼ ସଫଳତା ମିଳିଛି। ୟୁସମାର୍ଗ ଅଞ୍ଚଳରେ ସୁରକ୍ଷାବଳଙ୍କ ସହ ଏନକାଉଣ୍ଟରରେ ପାକିସ୍ତାନୀ ଲସ୍କର-ଏ-ତୋଏବାର ଜଣେ କମାଣ୍ଡର ୟାସିର ନିହତ ହୋଇଛି। ‘ଅପରେସନ ଆସଦାର’ ଅଧୀନରେ ଏହି ଅଭିଯାନ ଚାଲିଥିବା ବେଳେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୂଚନାନୁସାରେ, ୟୁସମାର୍ଗ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ଅପରେସନ ସମୟରେ ସୁରକ୍ଷାବଳଙ୍କ ସହ ୟାସିରର ମୁହାଁମୁହିଁ ହେବା ପରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ଗୁଳି ବିନିମୟରେ ୟାସିର ନିହତ ହୋଇଥିବା ଜଣାପଡ଼ିଛି। ସୁରକ୍ଷା ଏଜେନ୍ସି ସୂତ୍ରରୁ ଜଣାପଡ଼ିଛି ଯେ, ୟାସିର ପୂର୍ବରୁ ଲସ୍କର-ଏ-ତୋଏବାର ସୁଲେମାନ ମୁସା ଗ୍ରୁପ୍ ସହ ଜଡିତ ଥିଲା। ପ୍ରାୟ ବର୍ଷେ ତଳେ ସେ ଏହି ଗ୍ରୁପଠାରୁ ଅଲଗା ହୋଇଥିଲା। ଏହାପରେ ୟୁସମାର୍ଗ ଅଞ୍ଚଳରେ ଲସ୍କରର ଜଣେ ପ୍ରମୁଖ କମାଣ୍ଡର ଭାବେ ସେ ସକ୍ରିୟ ଥିବା ସୂଚନା ମିଳିଥିଲା। ଦୀର୍ଘଦିନ ଧରି ସୁରକ୍ଷା ଏଜେନ୍ସିଗୁଡ଼ିକ ୟାସିରର ଗତିବିଧି ଉପରେ ନଜର ରଖିଥିଲେ। ଏନକାଉଣ୍ଟର ପରେ ତା’ର ନେଟୱର୍କ, ଲସ୍କରର ଅନ୍ୟ ଆତଙ୍କବାଦୀଙ୍କ ସହ ସମ୍ପର୍କ ଏବଂ ଅଞ୍ଚଳରେ ତା’ର କାର୍ଯ୍ୟକଳାପ ସମ୍ପର୍କରେ ସୁରକ୍ଷା ଏଜେନ୍ସି ପକ୍ଷରୁ ତଦନ୍ତ ଜାରି ରହିଛି

CMYK



## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ଥାନାରେ ଅଭିଯୋଗ

ଆସିକା(ନିପ୍ର): ଆସିକା ଥାନା ଗୌଡ଼ଗୋଠ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ। ପ୍ରକାଶ ଥାଉକି ଆସିକା ଥାନା ଗୌଡ଼ ଗୋଠ ଗ୍ରାମରେ ଅଭିଯୋଗ କାରି ସୁନିତା ନାଇକ (୩୫)ଙ୍କ ସ୍ୱାମୀ ରମେଶ ନାଇକ ଗତ ୩୦ ଅଗଷ୍ଟ ଦିନ ରାତ୍ର ୮ଘଣ୍ଟା ସମୟରେ ଗାଁ ଦାଣ୍ଡରେ ଖେଳୁଥିବା ପୁଅକୁ ଡାକିବା ପାଇଁ ଯାଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସଞ୍ଜୟ ଗୌଡ଼ ଓ ବିଜୟ ଗୌଡ଼ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ସଞ୍ଜୟ ଓ ବିଜୟ ରମେଶର ମୁଣ୍ଡକୁ ଲକ୍ଷ କରି ଧରିଥିବା ମରଣାସ୍ତ୍ରରେ ହାଣିଥିଲେ। ନିଜକୁ ରକ୍ଷା କରିବାକୁ ଯାଇ ରମେଶ ନିଜ ହାତରେ ଅଟକାଇଥିଲେ ଫଳରେ ରମେଶଙ୍କ ହାତରେ କଟିଯାଇ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ରମେଶ ଘଟଣା ସ୍ଥଳରେ ଦୀର୍ଘ ସମୟ ପଡିରହିଥିଲା। ରମେଶକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଚିକିତ୍ସିତ କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତାରିତ କରାଯାଇଥିଲା। ଏଘଟଣା ସମ୍ପର୍କରେ ରମେଶଙ୍କ ସ୍ତ୍ରୀ ସୁନିତା ନାଇକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନା କେସ ନମ୍ବର ୪୯୦/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ‘ଆମ ବସ୍’ରେ ମାତିଥିଲେ ଲୁଟେରୀ ଗ୍ୟାଙ୍ଗ ୫ ମହିଳା ଗିରଫ, ୧୦ ଚୋରି ମୋବାଇଲ୍ ଜବତ



ଭୁବନେଶ୍ୱର: ରାଜଧାନୀର ‘ଆମ ବସ୍’ରେ ଯାତ୍ରୀଙ୍କୁ ଟାର୍ଗେଟ୍ କରି ମୋବାଇଲ୍ ଓ ଦାମୀ ସାମଗ୍ରୀ ଚୋରି କରୁଥିବା ୫ ଜଣିଆ ମହିଳା ଗ୍ୟାଙ୍ଗକୁ ନୟାପଲ୍ଲୀ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧୦ଟି ଚୋରି ମୋବାଇଲ୍ ଫୋନ୍ ଓ ୨ଟି ଦାମୀ ବ୍ୟାଗ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ମହିଳା ଗ୍ୟାଙ୍ଗ ସାଧାରଣ ବସରେ ଯାତ୍ରା କରୁଥିବା ଲୋକଙ୍କ ମୋବାଇଲ୍ ଓ ମୂଲ୍ୟବାନ ସାମଗ୍ରୀ ଚତୁରତାର ସହ ଚୋରି କରୁଥିଲେ। ଲଗାତାର ଅଭିଯୋଗ ପରେ ନୟାପଲ୍ଲୀ ପୋଲିସ ତଦନ୍ତ ଆରମ୍ଭ କରି ଗ୍ୟାଙ୍ଗର ଗତିବିଧି ଉପରେ ନଜର ରଖିଥିଲା। ଚୋରି ହୋଇଥିବା ମୋବାଇଲ୍ ବିକ୍ରି କରିବାକୁ ଉଦ୍ୟମ କରୁଥିବା ସମୟରେ ଜୟଦେବ ବିହାର ନିକଟରେ ପୋଲିସ ଚଢ଼ାଉ କରି ସମସ୍ତ ୫ ଜଣ ମହିଳାଙ୍କୁ କାବୁ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ବଞ୍ଜାରା ଗ୍ୟାଙ୍ଗର ସଦସ୍ୟ ଏବଂ ସମସ୍ତେ ମହାରାଷ୍ଟ୍ରର ବାସିନ୍ଦା। ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳର ଅନ୍ୟ ଚୋରି ଘଟଣାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ପୋଲିସ ବର୍ତ୍ତମାନ ଜବତ ହୋଇଥିବା ମୋବାଇଲ୍ ଓ ସାମଗ୍ରୀର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରିବା ସହ ଗ୍ୟାଙ୍ଗର ଅନ୍ୟ ଅପରାଧିକ ଲିଙ୍କରତଦନ୍ତ ଜାରି ରଖିଛି।

## କଣ୍ଟିଲୋର ମୁଖ୍ୟ ଛକ ଅନ୍ଧାରରେ, ଅଚଳ ହାଇମାକ୍ସ ଲାଇଟ



କଣ୍ଟିଲୋ, (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧିନ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ ହାଇମାକ୍ସ ଲାଇଟ ପୋଷ୍ଟଟି ଦିର୍ଘ ମାସ ଧରି ଅଚଳ ଅବସ୍ଥାରେ ପଡି ରହିଛି ।ଫଳରେ ଉକ୍ତ ଛକଟି ରାତିରେ ଅନ୍ଧାରରେ ରହୁଛି। ଅଚଳ ଅବସ୍ଥାରେ ପଡି ରହିଥିବା ହାଇମାକ୍ସ ଲାଇଟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ନତୁବା ଖଣ୍ଡପଡ଼ା ବ୍ଲକ ପ୍ରଶାସନ କେହି ହେଲେ ଦୃଷ୍ଟି ଦେଉନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ଜଳସେଚନ ବିଭାଗ ଛକଟି କଣ୍ଟିଲୋ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଛକ ହୋଇଥିବା ବେଳେ ରାତି ତମାମ ଦୂରଗାମୀ ଯାତ୍ରୀବାହୀ ବସ ଗୁଡିକ ଉକ୍ତ ଛକରୁ ଯାତ୍ରୀମାନଙ୍କୁ ନେବା ଆଣିବା କରିଥାନ୍ତି ।ପୁନଶ୍ଚ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକମାନେ ଉକ୍ତ ଛକ ଦେଇ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିରକୁ ଯିବା ଆସିବା କରିଥାନ୍ତି ।ତେଣୁ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ଛକରେ ଅଚଳ ଅବସ୍ଥାରେ ଥିବା ହାଇମାକ୍ସ ଲାଇଟଟି କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ କଣ୍ଟିଲୋ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚିନି ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଏସୟୁସିଆଇ (ସି) ପକ୍ଷରୁ ବିକ୍ଷୋଭ




କଟକ(ନିପ୍ର) : ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ଦ୍ରବ୍ୟ ବିଶେଷ କରି ଚିନି ଓ ପିଆଜର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ଓ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ବିଜେପି ସରକାରର ଏ ବାବଦରେ ଉଦାସୀନତା ପ୍ରତିବାଦରେ ଏସ ୟୁ ସି ଆଇ ( କମ୍ୟୁନିଷ୍ଟ) କଟକ୍ ଜିଲ୍ଲା କମିଟି ଆହ୍ୱାନରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲରେ ଇଥାନଲ ମିଶ୍ରଣ କରି ଗୋଟିଏ ଦିଗରେ ଗାଡ଼ି ଖରାପ କରାଯାଉଛି ଓ ଅନ୍ୟ ଦିଗରେ ଚିନିର ଦର ଆକାଶଛୁଆଁ ହୋଇଛି ବୋଲି ବିକ୍ଷୋଭକାରୀମାନେ ପ୍ରକାଶ କରିଛନ୍ତି। କଳାବଜାରୀ, ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀମାନେ ସରକାରୀ କଳ ଓ ସରକାରୀ ଦଳର ବାହୁ ଛାୟାରେ ସାଧାରଣ ଲୋକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତା ମାନେ ପ୍ରକାଶ କରିଥିଲେ। ପାର୍ଟି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଭାଗ୍ୟରବି ଦାସ, ମାଳବିକା ସାମଲ, ଆଇନଜୀବୀ ସୁକାନ୍ତ ନାୟକ, ଦିପକ ଦାସ, ଅକ୍ଷୟ ରାଉଳ, ସ୍ୱାଧୀନି ବେହେରା, ପ୍ୟଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସଞ୍ଜୀବ ଜେନା, ବସ୍ତି ନେତା ସୁକାନ୍ତ ନାୟକ, ଭାଗିରଥୀ ଭୋଇ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

### ସର୍କିଟ୍ ହାଉସରୁ ବନ୍ଧୁକ ଜବତ ଘଟଣା

# ମାଷ୍ଟରମାଇଣ୍ଡ ପ୍ରକାଶ ପାସୱାନର ଅଫିସ ଭାଙ୍ଗିଲା ପ୍ରଶାସନ



ରାଉରକେଲା,(ନିପ୍ର): ରାଉରକେଲା ସର୍କିଟ୍ ହାଉସରୁ ବନ୍ଧୁକ ଜବତ ଘଟଣାରେ ଶନିବାର ମାଷ୍ଟରମାଇଣ୍ଡ ପ୍ରକାଶ ପାସୱାନର ଅଫିସ ଭାଙ୍ଗିଛି ପ୍ରଶାସନ । ସେକ୍ଟର-୨୧ ସମ୍ମୁଖ ଏକ ତାରକା ହୋଟେଲ ପାଖରେ ସଂରକ୍ଷିତ ଜଙ୍ଗଲ ଜମି ଉପରେ ନିର୍ମାଣ ହୋଇଥିଲା ଏହି କାର୍ଯ୍ୟାଳୟ । ଏଠାରେ ଅଫିସ୍ ନିର୍ମାଣ କରି ଏହାର ଉଦଘାଟନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ବରିଷ୍ଠ ବିଜେପି ନେତାମାନଙ୍କ ଉପସ୍ଥିତିରେ କରାଯାଇଥିଲା । ଏହି ଅଫିସରେ ରହି ଦଳର ସାଂଗଠନିକ କାମ ଓ ଲୋକ ମାନଙ୍କର ଭଲମନ୍ଦ ବୁଝିବା ପାଇଁ ସେ ଲକ୍ଷ୍ୟ ରଖିଥିଲା ବୋଲି କହି ଆସୁଥିଲା କିନ୍ତୁ, ଏହାର ଆଢୁଆଳରେ ସେହି ଜାଗାରୁ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାର ରାଜ୍ୟର ଅପରାଧୀ ମାନଙ୍କ ସହିତ ଫୋନ୍ ଯୋଗେ ଯୋଗାଯୋଗ କରିବା ସହ ନିଜର ଅପରାଧର ସାମ୍ରାଜ୍ୟ ଚଳାଉଥିଲା । କେବଳ ସେତିକି ନୁହେଁ ଏହି କାର୍ଯ୍ୟାଳୟରୁ ପ୍ରକାଶ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଭିତରେ ଥିବା ବିଭିନ୍ନ କମ୍ପାନୀ ମାନଙ୍କ ଠାରୁ ରୀତିମତ ବ୍ୟକ୍ତିଗତ ଫାଇଦା ନେଉଥିଲା । ମନ୍ତ୍ରୀଙ୍କ ପ୍ରତିନିଧିର ପ୍ରଭାବ ଏବଂ ଅପରାଧିକ ସାମ୍ରାଜ୍ୟର ସାହାସ ନେଇ ସେ ରାଉରକେଲା ଇସ୍ପାତ କାରଖାନାର ଏକ ଘରକୁ ମଧ୍ୟ ସେ ନିଜ ଦଖଲକୁ ଆଣି ତାହାକୁ ପୁନଃ ନିର୍ମାଣ କରୁଥିଲା । ତେବେ ପ୍ରକାଶର କାରବାର ସମ୍ପର୍କରେ ଆରଏସପି ଜାଣିବା ପରେ ସମ୍ପୃକ୍ତ ଘରଟିକୁ ନିକଟରେ ଆରଏସପି ନିଜ ଦଖଲକୁ ନେଇଛି । ସେପଟେ ଏହି ଜଙ୍ଗଲ ଜମି ଉପରେ ଥିବା ଅଫିସ୍ ଉପରେ ବିଭିନ୍ନ ପ୍ରଶ୍ନ ଉଠିବାରୁ ରାଉରକେଲା ଜଙ୍ଗଲ ବିଭାଗ ଅଧିକାରୀମାନେ ସେଠାରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ପରେ ଅଭିଯୁକ୍ତ ପ୍ରକାଶକୁ ଏନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କାହିଁକି ତୁମର ଏହି କାର୍ଯ୍ୟାଳୟ ଉଚ୍ଛେଦ କରାଯିବ ନାହିଁ ବୋଲି ବିଭାଗ ପ୍ରଶ୍ନ କରିଥିଲା । ତେବେ ରାଉରକେଲା ସର୍କିଟ୍ ହାଉସରୁ ବନ୍ଧୁକ ଜବତ ଘଟଣାରେ ଗିରଫ ହୋଇ ରିମାଣ୍ଡ ସରିବା ପରେ ଏବେ ବିଚାର ବିଭାଗୀୟ ହାଜତରେ ଥିବା ପ୍ରକାଶ ଏନେଇ କୌଣସି ଉତର ରଖିପାରିନଥିଲା । ଫଳରେ ଆଜି ବନ ବିଭାଗର ଅଧିକାରୀମାନେ ପ୍ରଶାସନର ସହାୟତା ନେଇ ସମ୍ପୃକ୍ତ କାର୍ଯ୍ୟାଳୟକୁ ଭାଙ୍ଗିବା ସହିତ ଏହା ଭିତରେ ଥିବା ସମସ୍ତ ଆସବାବପତ୍ର ଓ ଦସ୍ତାବିଜ୍ ଜବତ କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ପ୍ରକାଶ ଥାଉକି, ପ୍ରକାଶ ପାସୱାନ ବିହାର ରାଜ୍ୟର ଜଣେ ଯୁବକ । ସେ ନିଜ ପରିବାର ସହିତ ଆସି କିଛି ବର୍ଷ ତଳେ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଜମି ଜବରଦଖଲ କରି ବାସଗୃହ ନିର୍ମାଣ କରି ରହି ଆସୁଥିଲା । ପରେ ଅପରାଧିକ କାରବାରରେ ସାମିଲ୍ ହୋଇଥିଲା । ରାଉରକେଲା ପୋଲିସ ଜିଲ୍ଲାରେ ତା’ ନାମରେ ଅଦ୍ୟାବଧି ୨୦ରୁ ଅଧିକ ଅପରାଧିକ ମାମଲା ରହିଛି । ତେବେ କୌଣସି ପ୍ରକାରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ହୋଇଯିବା ପରେ ପ୍ରକାଶ ନିର୍ଭୟରେ ତା’ର ଅପରାଧିକ ସାମ୍ରାଜ୍ୟ ବୃଦ୍ଧି କରିବା ସହ ସର୍କିଟ୍ ହାଉସ୍ ରେ ଅପରାଧୀମାନଙ୍କୁ ୨୧ ଦିନ ରଖି ଜଣେ ବଡ ନେତାଙ୍କ ମୁଣ୍ଡ ନେବା ପାଇଁ ଯୋଜନା କରୁଥିବା ଖବର ପୋଲିସ ନିକଟରେ ପହଞ୍ଚିବା ପରେ ପୋଲିସ ତଦନ୍ତ କରି ସେହି ମାମଲାରେ ୧୦ରୁ ୧୨ ଜଣଙ୍କୁ ଗିରଫ କରି ପ୍ରକାଶକୁ ଖୋଜୁଥିଲା । ପରେ ପ୍ରକାଶକୁ ବିହାରରୁ ଗିରଫ କରିଥିଲା । ଶେଷରେ ଆଜି ତା’ର ଅଫିସକୁ ଭଙ୍ଗାଗଲା ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ ମୁଖ୍ୟ ଅଭିଯୁକ୍ତ ନାବାଳକ ସମେତ ୪ ଗିରଫ, ଅଦାଲତ ଚାଲାଣ

ବାଙ୍କୀ, (ନିପ୍ର): ବାଙ୍କୀ ଥାନା ଅନ୍ତର୍ଗତ ବେଦପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଭାଇଙ୍କୁ ଗାଁ ଦାଣ୍ଡରେ ଖଣ୍ଡାରେ ଆକ୍ରମଣ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ନାବାଳକ ସିଦ୍ଧାର୍ଥ ମଲ୍ଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟକୁ ପଠାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଛି। ସୂଚନାନୁସାରେ, ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ପୁଅ ସୋମନାଥ ପଣ୍ଡା ମନ୍ଦିରକୁ ଯାଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଗନ୍ଧର୍ବ ମଲ୍ଲିକ, ଶକ୍ତି ମଲ୍ଲିକ, ବୁଲୁ ମଲ୍ଲିକ ଓ ନାବାଳକ ସିଦ୍ଧାର୍ଥ ମଲ୍ଲିକ ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସୋମନାଥଙ୍କ ହାତରେ ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ସାନଭାଇ ରାକେଶ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଉଭୟ ଭାଇ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ରକ୍ତାକ୍ତ ଅବସ୍ଥାରେ ବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ବାଙ୍କୀ ଥାନାରେ ମାମଲା ନମ୍ବର ୪୬୯/୨୦୨୬ ରୁଜୁ ହୋଇଛି। ପୁଲିସ ପ୍ରଥମେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ପରବର୍ତ୍ତୀ ସମୟରେ ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲକୁ ପଠାଯାଇଛି।

## ଗଣଦୁଷ୍କର୍ମ ଅଭିଯୋଗ: ୨ଗିରଫ

ନୂଆଦିଲ୍ଲୀ,୫।୯ : ଯାଜପୁରରେ ପୁଣି ଲଜ୍ଜା , ମହିଳାଙ୍କ ସ୍ୱାମୀଙ୍କ ଦେହ ଖରାଇ ବୋଲି କହି ଡାକନେଇ କଲେ ଗଣଦୁଷ୍କର୍ମ । ଥାନାରେ ଲିଖିତ ଅଭିଯୋଗ ପରେ ସାମ୍ନାକୁ ଆସିଲା ପୁରା କାହାଣୀ । ପୁଲିସ ଘଟଣାରେ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ଗତ ୧ ତାରିଖରେ ମହିଳାଙ୍କ ନିକଟକୁ ଆସିଥିଲା ଫୋନ୍ କଲ୍। ସ୍ୱାମୀଙ୍କ ଦେହ ଖରାପ ଅଛି ଓ ସେ ଚଣ୍ଡିଖୋଲରେ ଅଛନ୍ତି। ଫୋନ୍ ପାଇ ବ୍ୟସ୍ତ ହୋଇପଡ଼ିଥିଲେ ମହିଳା ଜଣଙ୍କ । ତୁରନ୍ତ ବସରେ ଯାଇ ଚଣ୍ଡିଖୋଲରେ ପହଞ୍ଚିଥିଲେ। ଆଉ ସେଠାରେ ଅପେକ୍ଷା କରି ରହିଥିଲେ ଫୋନ୍ କରିଥିବା ଅଭିଯୁକ୍ତ ଓ ଅନ୍ୟ ଜଣେ ସହଯୋଗୀ। ସ୍ୱାମୀଙ୍କ ପାଖକୁ ନେବାକୁ କହି ବାଟ୍‌ରେ ଚଣ୍ଡିଖୋଲ ନିକଟରେ ଥିବା ଏକ ପରିତ୍ୟକ୍ତ ବଙ୍ଗଳାକୁ ନେଇ ଯାଇଥିଲେ। ସେଠାରେ ମହିଳାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପରଦିନ ନିଜ ସମ୍ପର୍କୀୟଙ୍କୁ ଡାକି ସୁକିନ୍ଦା ମେଡିକାଲକୁ ଯାଇ ଚିକିତ୍ସିତ ହୋଇଥିଲେ। ପରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ପୀଡ଼ିତା ।

## ଲିଙ୍ଗେଶ୍ୱର ମନ୍ଦିରରୁ ଚୋରି: ସିସି କ୍ୟାମେରା ହାର୍ଡ ଡିସ୍କ ମଧ୍ୟ ଲୁଟ

ରାୟଗଡା,(ନିପ୍ର): ପୁଣି ରାୟଗଡ଼ା ଜିଲ୍ଲାରେ ବଡ଼ ଧରଣର ଚୋରି । ଏଥର ଦୁର୍ବୃତ୍ତ ଟାର୍ଗେଟ କରିଛନ୍ତି ମନ୍ଦିରକୁ ଓ ଗୁଣପୁରରେ ସକ୍ରିୟ ହେଲେ ଲୁଟେରା। ବିଳମ୍ବିତ ରାତିରେ ଗୁଣପୁର ପୁରୁଣା ବସ ଷ୍ଟାଣ୍ଡ ନିକଟରେ ଥିବା ପୁରାତନ ଶୈବ ପୀଠ ପ୍ରସିଦ୍ଧ ଉମା ରାମ ଲିଙ୍ଗେଶ୍ୱର (ବାଘୁଆ) ମନ୍ଦିରରେ ବଡ଼ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ମନ୍ଦିରର ତାଲା ଭାଙ୍ଗିବା ସହ ମନ୍ଦିରରେ ପ୍ରବେଶ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ରୁପା ସାମଗ୍ରୀ ଲୁଟ କରିବା ସମେତ ମନ୍ଦିର ପରିସରରେ ଥିବା ଦାନ ହୁଣ୍ଡି ଓ ଏକ ଆଲମାରୀ ତାଡ଼ି ଚୋରି କରିଥିବା ଜଣାପଡ଼ିଛି। ଶନିବାର ଦିନ ଭୋର ସକାଳୁ ମନ୍ଦିର ପୂଜକ ନାରାୟଣ ମହାପାତ୍ର ପୂଜା କରିବାକୁ ଯିବା ସମୟରେ ଚୋରି ହୋଇଥିବା ଜାଣି ୧୧୨ ନମ୍ବରରେ ଯୋଗାଯୋଗ କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଗୁଣପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ବୃତ୍ତମାନେ ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ ଦାନ ହୁଣ୍ଡିରେ ଥିବା ଟଙ୍କା ମଧ୍ୟ ଲୁଟି ନେଇଛନ୍ତି। ଏହାସହ ମନ୍ଦିର ପରିସରରେ ଥିବା ଲଳିତା ଦେବୀଙ୍କ ମନ୍ଦିରରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ରହିଛି। ସେବାୟତ ନାରାୟଣ ମହାପାତ୍ରଙ୍କ ସୂଚନା ଅନୁସାରେ, ପ୍ରାୟ ଦୁଇ ତୋଳା ସୁନା ଏବଂ ୪ କିଲୋଗ୍ରାମରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି ହୋଇଛି। ତେବେ ଚୋରି ହୋଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ଚୋରି କରିବା ପୂର୍ବରୁ ଦୁର୍ବୃତ୍ତମାନେ ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରାର ତାର କାଟି ଦେଇ ସିସିଟିଭିର ହାର୍ଡଡିସ୍କ ମଧ୍ୟ ଖୋଲି ନେଇଯାଇଛନ୍ତି। ସିସି କ୍ୟାମେରା ଚୋରି ହୋଇଯାଇଥିବାରୁ ଚୋରି ସମ୍ପର୍କରେ ପୁଲିସକୁ ଟେର ପାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଗୁଣପୁର ଆଦର୍ଶ ଥାନା ଅଧିକାରୀ କମଳାକାନ୍ତ ବସନ୍ତ କୁମାର କହଁରଙ୍କ ଅନୁରୋଧ କ୍ରମେ ରାୟଗଡାରୁ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ନ କରି ଚୋର ମାନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

## ବିଦ୍ୟୁତ ବିଲ୍ ପ୍ରଦାନରେ ବିଳମ୍ବକୁ ନେଇ ଜନ ଅସନ୍ତୋଷ, ଆନ୍ଦୋଳନ ଦାନା ବାନ୍ଧୁଛି

ଖଣ୍ଡପଡ଼ା(ନିପ୍ର): ଗତ ୨ ମାସ ହେଲା ଖଣ୍ଡପଡ଼ା ସହରାଞ୍ଚଳର ଶହଶହ ବିଦ୍ୟୁତ ଉପଭୋକ୍ତାଙ୍କୁ ଟାଟା ପାୱାର କର୍ତ୍ତୃପକ୍ଷ ବିଦ୍ୟୁତ ବିଲ ପ୍ରଦାନ ନକରି ଦିନ ପରେ ଦିନ ଗଡେଇ ଚାଲିଥିବା ଜଣାପଡିଛି। ବିଦ୍ୟୁତ ବିତରଣ କମ୍ପାନି କର୍ତ୍ତୃପକ୍ଷଙ୍କ ମନମାନିକୁ ନେଇ ବିଦ୍ୟୁତ ଉପଭୋକ୍ତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ବିଦ୍ୟୁତ ବିତରଣ କମ୍ପାନି (ଟିପିସିଓଡିଏଲ) କର୍ତ୍ତୃପକ୍ଷ ୦ ରୁ ୫୦ ୟୁନିଟ ପର୍ଯ୍ୟନ୍ତ ୟୁନିଟ ପ୍ରତି ୨ ଟଙ୍କା ୯୦ ପଇସା, ୫୧ ରୁ ୨୦୦ ୟୁନିଟ ପର୍ଯ୍ୟନ୍ତ ୟୁନିଟ ପ୍ରତି ୪ ଟଙ୍କା ୭୦ ପଇସା, ୨୦୧ ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ୟୁନିଟ ପ୍ରତି ୫ ଟଙ୍କା ୭୦ ପଇସା ପୈଠ ନିମନ୍ତେ ଦର ଧାର୍ଯ୍ୟ କରିଛନ୍ତି। ପ୍ରତିମାସ ୭ ରୁ ୧୦ ତାରିଖ ମଧ୍ୟରେ ସହରାଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲ ଟିପିସିଓଡିଏଲ କର୍ତ୍ତୃପକ୍ଷ ପ୍ରଦାନ କରିଥାନ୍ତି। ମାତ୍ର ଗତ ଜୁଲାଇ ମାସର ବିଦ୍ୟୁତ ବିଲ ଅଗଷ୍ଟରେ ଓ ଅଗଷ୍ଟ ମାସର ବିଦ୍ୟୁତ ବିଲ ଚଳିତ ସେପ୍ଟେମ୍ବର ମାସରେ ପ୍ରଦାନ କରାଯିବା କଥା। ମାତ୍ର ଟାଟା ପାୱାର କର୍ତ୍ତୃପକ୍ଷ ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲ ପ୍ରଦାନ ନକରି ଆଜକୁ ୨ ମାସ ହେଲା ଦିନ ପରେ ଦିନ ଗଡେଇ ଚାଲିଥିବା ବେଳେ ଆଗାମୀ ଦିନରେ ଏକ ସଙ୍ଗରେ ମୋଟା ଅଙ୍କର ବିଦ୍ୟୁତ ବିଲ ପୈଠ ନିମନ୍ତେ ସହରାଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାପଡିଛି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଟାଟା ପାୱାର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସହରାଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ଖଣ୍ଡପଡ଼ା ସହରର ୧୩ ନଂ ୱାର୍ଡ ସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଗୁରୁ-ଶିଷ୍ୟ ସଂପର୍କ ଉପରେ ଆଲୋକପାତ




**କଣ୍ଟିଲୋ:** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଗ୍ରାମର ପ୍ରଭୁ ଶ୍ରୀସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଗୁରୁଦିବସ ପାଳନ ପରିପ୍ରେକ୍ଷୀରେ ‘ଗୁରୁ ସାକ୍ଷାତ ପରଂବ୍ରହ୍ମ’ କାର୍ଯ୍ୟକ୍ରମ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ‘ମୋ ମାଟି ଭାପୁର’ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ର ଓ ଯୁବ ସମାଜର ପଥ ପ୍ରଦର୍ଶକ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଗୁରୁସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମର ସଭାପତି ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ବକ୍ତା ଭାବେ କାଦମ୍ବିନୀ ପତ୍ରିକା ସମ୍ପାଦିକା ଡ. ଇତି ସାମନ୍ତ, ଅଧ୍ୟାପିକା ପ୍ରତିଭା ମହାରଥୀ, ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ଼ା ଦାସ ବିରେନ୍ଦ୍ର ମନୋହର, ଶିକ୍ଷାବିତ ପ୍ରଫୁଲ୍ଲ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଡ଼ ପବିତ୍ର ସୁବୁଦ୍ଧି,ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଯୋଗ ଦେଇ ଉତ୍କଳୀୟ ପରମ୍ପରାରେ ଗୁରୁ ଶିଷ୍ୟଙ୍କର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ।ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ବେଣୁଧର ପ୍ରଧାନ ଧନ୍ୟବାଦ ଦେଇଥିଲା ବେଳେ ଅଂଶୁମାନ ଜେନା ମଞ୍ଚରେ ସଂଯୋଜନା କରିଥିଲେ।



**ଆସିକା:** ପବିତ୍ର ଗୁରୁଦିବସ ଅବସରରେ ଆସିକା ହରିହର ଉଚ୍ଚ ବିଦ୍ୟାଳୟ ପରିସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ସଙ୍ଘର ସଭାପତି ସନ୍ତୋଷ କୁମାର ସେଠୀଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକଙ୍କ ପୁତ୍ର ସମ୍ବିତ୍ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଆସିକା ପୌରପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭଞ୍ଜ ବେହେରା ଓ ଶିବରାମ ବେହେରା, ଜଗବନ୍ଧୁ ଜେନା, ମୁଖ୍ୟ ଉପଦେଷ୍ଟା, ଅଲୋଷ୍ଟା ରାଜକୁମାର ସାହୁ ଓ ସନ୍ତୋଷ କୁମାର ଜେନା, ଉପଦେଷ୍ଟା,ଓଷ୍ଟା ,ଓ ମୁଖ୍ୟବକ୍ତା ଭାବେ ଅମର ବିଳାସ ବେହେରା, ଉପଦେଷ୍ଟା, ଆଲୋସ୍ତା ଅତିଥି ଭାବେ ଯୋଗ ଦେଇଥିଲେ।

**ବୁଗୁଡ଼ା:** ଗଞ୍ଜାମ ଜିଲ୍ଲା ବୁଗୁଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହାନ୍ ଦାର୍ଶନିକ, ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ ତଥା ଗୁରୁ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲ, ଶୋଭନୀୟ ପବ୍ଲିକ୍ ସ୍କୁଲ୍, ପିପୁଲ୍ସ ହାଇସ୍କୁଲ, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୁଦ୍ଧଗିରି ବିଦ୍ୟାପୀଠରେ ଗୁରୁ ଦିବସ ପାଳିତ ହୋଇଯାଇଛି।



**କେନ୍ଦ୍ରାପଡ଼ା:** ଚିନ୍ତାମଣି ଗୁରୁଜୀ ଓ ରୁକ୍ମିଣୀ ଦେବୀ ସ୍ମାରକୀ ନ୍ୟାସ ଏବଂ ମଧୁସାଗର ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ମିଳିତ ଉଦ୍ୟମରେ ପବିତ୍ର ଗୁରୁଦିବସ ଉତ୍ସବ ଅଙ୍ଗୁଳାର ଗ୍ରାମଦେବୀ ମା’ ତାରିଣୀ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସ୍ମାରକୀ ନ୍ୟାସର ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଚିନ୍ତାମଣି ଗୁରୁଜୀଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଶିକ୍ଷାଦର୍ଶ ଏବଂ ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଆଦର୍ଶ ଗୁରୁ ଚିନ୍ତାମଣି ଗୁରୁଜୀଙ୍କ ଜୀବନ ଦର୍ଶନ ଉପରେ ବକ୍ତାମାନେ ଆଲୋଚନା କରିଥିଲେ।

**ଚାରିଛକ:** ଗୁରୁ ଦିବସ ଅବସରରେ ପୁରୀ ଜିଲ୍ଲା ଚାରିଛକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ବ୍ୟାପକ ଉତ୍ସାହର ସହ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହିକ୍ରମରେ ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ସଭାପତି ତଥା ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କରଙ୍କ ନେତୃତ୍ୱରେ ଗୁରୁ ଦିବସ ପାଳନ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବଡ଼ସାହି:** ଶନିବାର ସ୍ଥାନୀୟ ରୁଦ୍ରାଳି କଲ୍ୟାଣ ମଣ୍ଡପ ଠାରେ ମାନବ ଧର୍ମର ମାନ୍ତ୍ରିକ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ନାମରେ ଗଠିତ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଆନୁକୂଲ୍ୟରେ ଗୁରୁ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବଡ଼ସାହି ବ୍ଲକର ୫୦ଜଣ ଗୁରୁଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମାନବ ଧର୍ମର ମାନ୍ତ୍ରିକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଶିକ୍ଷା ଏକ କାମଧେନୁ ସଦୃଶ ଏବଂ ଶିକ୍ଷକ ଶୈକ୍ଷିକ ବିଚାର ମଞ୍ଚର ବିଚାରପତି ବୋଲି ବକ୍ତବ୍ୟ ରଖି ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ବର୍ଣ୍ଣନା କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ସମାରୋହ




ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମୂହ ପକ୍ଷରୁ ଗୁରୁଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଆନୁଷ୍ଠାନିକ ଭାବେ ଏହି ସମାରୋହକୁ ଉଦ୍‌ଘାଟନ କରି ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ବିଶେଷତ୍ୱ ସଂପର୍କରେ ଆଲୋକପାତ କରିବା ସହ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସ୍ମୃତିଚାରଣ କରିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁଙ୍କ ମହନୀୟତା ଓ ପ୍ରେରଣା ଶିକ୍ଷାର୍ଥୀମାନଙ୍କ ପାଇଁ କେତେ ଆବଶ୍ୟକ ସେ ସଂପର୍କରେ ଆଲୋଚନା କରିବା ସହ ଭାରତୀୟ ଇତିହାସ ଓ ସଂସ୍କୃତିରେ ବର୍ଣ୍ଣିତ ଗୁରୁଙ୍କ ଅବଦାନ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଛାତ୍ରଛାତ୍ରୀମାନେ ଗୁରୁଙ୍କ ପ୍ରତି ସମର୍ପିତ ହୋଇ ସେମାନଙ୍କ ଦ୍ୱାରା ଅନୁପ୍ରାଣୀତ ହେଲେ ଜୀବନରେ ଉତ୍ତରୋତ୍ତର ଉନ୍ନତି ସମ୍ଭବପର ହୋଇପାରିବ ବୋଲି କହିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ, ଡ. ଅଜୟ କୁମାର ବିଶ୍ୱାଳ, ଅଧ୍ୟାପିକା ସଂଧାରାଣୀ ମଲ୍ଲିକ, ଶ୍ରୀ ଦେବଦତ୍ତ ପଟ୍ଟନାୟକ ପ୍ରମୁଖ ଗୁରୁଦିବସର ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିବା ସହ ସମସାମୟିକ ଯୁବପିଢ଼ିଙ୍କ ବିକାଶ ଦିଗରେ ଗୁରୁଙ୍କ କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସମସ୍ତ ବିଭାଗର ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା କଣ୍ଠ ସଂଗୀତ ଓ ଗୁରୁ ପ୍ରଣାମ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଦୀପ୍ତିମୟୀ ସ୍ୱାଇଁ ଓ ଜ୍ୟୋତିରଂଜନ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

CMYK
6.09.2026.pmd 1 05-09-2026, 22:18

# କଳା ଓ କାରିଗରଙ୍କ ସମ୍ମାନ ପାଇଁ 'ସଂପର୍କ' ଓ ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳର ପ୍ରୟାସ

ପୁରୀ,୫।୯(ନିପ୍ର): ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ ତଥା ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ସୁରକ୍ଷା, ପ୍ରଚାର-ପ୍ରସାର ଏବଂ କାରିଗରମାନଙ୍କୁ ଉପଯୁକ୍ତ ବଜାର ସହ ଯୋଡ଼ିବା ଓ ସେମାନଙ୍କୁ ସମ୍ମାନ ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୁରୀରେ ସଫଳତାର ସହ ସମାପ୍ତ ହୋଇଛି। ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳ ଓ 'ସଂପର୍କ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ କଳା, ଶିଳ୍ପୀ ଓ କାରିଗରମାନଙ୍କ ଅବଦାନକୁ ସମ୍ମାନିତ କରାଯିବା ସହ ଏହି ଐତିହ୍ୟକୁ ନୂଆ ପିଢ଼ି ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଟେରାକୋଟା, ପଟ୍ଟଚିତ୍ର, ହସ୍ତତନ୍ତ, ପାରମ୍ପରିକ ଅଳଙ୍କାର, ମାଟି ଶିଳ୍ପ ସମେତ ବିଭିନ୍ନ ଲୋକକଳା ଓ ହସ୍ତଶିଳ୍ପର କଳାକୃତି ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପାରମ୍ପରିକ ଶିଳ୍ପ ସହ ଜଡ଼ିତ କାରିଗର ଓ ଶିଳ୍ପୀମାନେ ନିଜର ସୃଜନଶୀଳତା, କଳାକୃତି ଓ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଥିଲେ।




ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ସାହୁ କହିଥିଲେ, "ପାରମ୍ପରିକ କଳା ଓ ହସ୍ତଶିଳ୍ପକୁ ଜୀବନ୍ତ ରଖିବା ପାଇଁ ଯୁବପିଢ଼ିଙ୍କ ଅଧିକ ଭାଗୀଦାରି ଆବଶ୍ୟକ। କାରିଗରମାନଙ୍କୁ ଉପଯୁକ୍ତ ବଜାର, ସମ୍ମାନ ଓ ସୁଯୋଗ ମିଳିଲେ ଓଡ଼ିଶାର ଏହି ଅମୂଲ୍ୟ ଐତିହ୍ୟ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆହୁରି ପରିଚିତ ହୋଇପାରିବ।" ପୂର୍ବତନ ପ୍ରଶାସକ ପଦ୍ମନାଭ ପଣ୍ଡା କହିଥିଲେ, "ହସ୍ତଶିଳ୍ପ କ୍ଷେତ୍ରରେ ମହିଳା କାରିଗରମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳା କାରିଗରଙ୍କୁ ଆବଶ୍ୟକ ପ୍ରଶିକ୍ଷଣ, ବଜାର ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ଆର୍ଥିକ ଭାବେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ। ଏଥିସହ ପାରମ୍ପରିକ କଳାର ସୁରକ୍ଷା ମଧ୍ୟ ନିଶ୍ଚିତ ହେବ।" ଅବସରପ୍ରାପ୍ତ ଖାଉଟି ବିଭାଗ ଅଧିକାରୀ ସନ୍ତୋଷ କୁମାର ମହାନ୍ତି କହିଥିଲେ, "କାରିଗରମାନେ ଯେଉଁ ଉତ୍ପାଦ ତିଆରି କରୁଛନ୍ତି, ତାହାର ଗୁଣବତ୍ତା ସହ ଉପଯୁକ୍ତ ମୂଲ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରିଗରଙ୍କ ଉତ୍ପାଦକୁ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଏବଂ ନ୍ୟାୟସଙ୍ଗତ ବଜାର ସୃଷ୍ଟି କରିବା ଦିଗରେ ଏଭଳି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ।" ହସ୍ତ ଶିଳ୍ପ ବିକାଶ ଉନ୍ନୟନ,ଭାରତ ସରକାର ଙ୍କ ଉପନିର୍ଦ୍ଦେଶକ ଯୋଗ ଦେଇ କହିଥିଲେ କହିଥିଲେ, "ଆମ ପାରମ୍ପରିକ କଳା ଓ କାରିଗରୀ ପରମ୍ପରା ପିଢ଼ି ପରେ ପିଢ଼ି ଆସିଛି। ଏହାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଗୁରୁକୁଳ ମାଧ୍ୟମରେ ଯୁବପିଢ଼ିଙ୍କୁ ପାରମ୍ପରିକ କଳା ଓ କାରିଗରୀ ସହ ଯୋଡ଼ିବା ସହ କାରିଗର ମାନଙ୍କୁ ଏକ ସୁଦୃଢ଼ ମଞ୍ଚ ଦେବା ଆମର ଲକ୍ଷ୍ୟ।"

### ମହିଳା ଏସିଆ କପ୍

# ପାକିସ୍ତାନକୁ ୭ ୱିକେଟରେ ହରାଇଲା ଭାରତ

ଦୁବାଇ,୫।୯: ମହିଳା ଏସିଆ କପ୍ ୨୦୨୬ରେ ପାକିସ୍ତାନକୁ ଭାରତୀୟ କ୍ରିକେଟ୍ ଟିମ୍ ଚିତ୍‌ପଟାଙ୍ଗ କରିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପାକିସ୍ତାନକୁ ଭାରତ ୭ ୱିକେଟ୍‌ରେ ପରାସ୍ତ କରିଛି। ଭାରତ ୮.୪ ଓଭରରେ ୩ଟି ୱିକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଛି। ଭାରତ ପାଇଁ ସେଫାଳି ବର୍ମା ୧୨ ରନ୍, ସ୍ମୃତି ମନ୍ଧାନା ୯ ରନ୍ ଏବଂ ପ୍ରତିକା ରାୱଲ ୪ ରନ୍ କରି ଆଉଟ୍ ହୋଇଥିଲେ। ପାକିସ୍ତାନକୁ ଭାରତ ୫୫ ରନ୍‌ରେ ଅଟକାଇ ଥିଲା। ଟୁର୍ଣ୍ଣାମେଣ୍ଟର ଗ୍ରୁପ-ଏ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୮.୧ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପକ୍ଷରୁ ଶ୍ରୀ ଚରଣୀ ଏବଂ ପ୍ରେମା ରାଉତ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମାଙ୍କୁ ୨ଟି ଏବଂ ସେଫାଳି ବର୍ମାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ପାକିସ୍ତାନ ପାଇଁ ମୁନିବା ଅଲି ଏବଂ ଶାୱାଲ ଜୁଲଫିକର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୭ ରନ୍ କରିଥିଲେ। ଭାରତର ପ୍ରଥମ ଶିକାର ହୋଇଥିଲେ ମୁନିବା ଅଲି। ସେ ବ୍ୟକ୍ତିଗତ ଭାବେ ୧୫ଟି ବଲ୍ ଖେଳି ୧୩ ରନ୍ ସଂଗ୍ରହ କରିଥିଲେ ଏବଂ ଶେଫାଳି ବର୍ମାଙ୍କର ଶିକାର ହୋଇଥିଲେ। ପାକିସ୍ତାନ ପାଇଁ ଶାଲୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୪ଟି ବଲ୍ ଖେଳି ୩ଟି ଚୌକା ସହାୟତାରେ ୧୪ ରନ୍ ସଂଗ୍ରହ କରିଥିଲେ। ଶ୍ରୀଚରଣୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପ୍ରାରମ୍ଭିକ ବ୍ୟାଟର ଦ୍ୱୟଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଚାରିଜଣ ଖେଳାଳି (ଗୁଲ ଫିରୋଜା, ଫତିମା ସାନା, ନର୍ସା ସାନ୍ଧୁ ଏବଂ ସାଦିଆ ଇକବାଲ) ଖାତା ଖୋଲିପାରି ନଥିଲେ।

### ଜୁଏଲାରୀ ଦୋକାନ ସାମ୍ନାରୁ ୨ କାର୍ ଚୋରି

# ସନ୍ଧ୍ୟାରେ ଚୋରି କଲେ, ରାତିରେ କାର୍ ଉଦ୍ଧାର ହେଲା

ଭୁବନେଶ୍ୱର,୫।୯(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ପୁଣି ଚୋରିର ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଛକରେ ଥିବା ଏକ ଜୁଏଲାରୀ ଦୋକାନ ସାମ୍ନାରୁ ଗୋଟିଏ ନୁହେଁ ବରଂ ଏକା ସାଙ୍ଗରେ ୨ଟି କାର୍ ଚୋରି ହୋଇଥିବାବେଳେ ଚୋରିର ୨୪ଘଣ୍ଟା ନପୁରୁଣୁ କମିଶନରେଟ୍ ପୋଲିସର ଶ୍ରୀଲିଙ୍ଗରାଜ ଥାନା ପୋଲିସ୍ ଉଭୟ ଗାଡ଼ିକୁ ଉଦ୍ଧାର କରି ଅଭିଯୋଗକାରୀ ମାଲିକଙ୍କୁ ହସ୍ତାନ୍ତର କରିଛି। ପୋଲିସର ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଚୋରି କାରକୁ ଭରତପୁର ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର, ଲିଙ୍ଗରାଜ ଥାନା ଅଧୀନସ୍ଥ ସାମନ୍ତରାପୁର ଛକ (ଜୁଏଲାରୀ ଦୋକାନ ସାମ୍ନା)ରୁ ଉଭୟ କାର ଚୋରି ହୋଇଥିଲା। କାରଟି ପାର୍କ ହୋଇଥିବାବେଳେ ଦୁର୍ବୃତ୍ତ ଚୋରି କରି ଚମ୍ପଟ ମାରିଥିଲା। ଗାଡ଼ି ଚୋରି ନେଇ ଅଭିଯୋଗ ହେବା ପରେ ପୋଲିସ ତୁରନ୍ତ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଛାନଭିନ୍ ଏବଂ ସିସିଟିଭି ଆଧାରରେ କାରର ପିଛା କରାଯାଇ ଭରତପୁର ଅଞ୍ଚଳରୁ ଚୋରି କାରଟିକୁ ଉଦ୍ଧାର କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ/ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗକାରୀ ଗାଡି ମାଲିକ ବିକାଶ ପାତ୍ରଙ୍କ ଅଭିଯୋଗ ଅନୁସାରେ, ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ସେ ନିଜ ଦୋକାନରେ ବସିଥିଲେ। ହଠାତ୍ ତାଙ୍କ ଇଭି କାରଟି ଆଗ ପଛ ହେଉଥିବା ଦେଖିବାକୁ ପାଇଥିଲେ। ଗାଡି ପାଖକୁ ଗଲାବେଳକୁ କାରଟି ଦ୍ରୁତ ଗତିରେ ଚାଲିଯାଇଥିଲା। ସେ ସ୍କୁଟିରେ କିଛି ବାଟ ଗୋଡାଇଲେ ମାତ୍ର, ଧରିପାରି ନଥିଲେ। ଫେରି ଆସି ତାଙ୍କର ଅନ୍ୟ ଏକ କାର ମଧ୍ୟ ରାସ୍ତାରେ ନଥିବା ଦେଖିବାକୁ ପାଇଥିଲେ। ଏକାଥରକେ ୨ଟି ଗାଡି ଚୋରି ଦେଖି ସେ ଥାନାକୁ ଜଣାଇଥିଲେ। ପୋଲିସ ଓ ମାଲିକଙ୍କ ଟ୍ରାକିଂରୁ ଗାଡି ୨ଟି କେଉଁଠି ଅଛି ଜଣାପଡିଥିଲା। ଶୁକ୍ରବାର ରାତିରେ ଇଭି ଗାଡିକୁ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗଷ୍ଟୁଡିଓ ଛକରୁ ଏବଂ ଅନ୍ୟ କାରଟି ଲିଙ୍ଗିପୁରରୁ ଉଦ୍ଧାର କରାଯାଇଥିଲା। ଏନେଇ ସେ ତାଙ୍କ ପୂର୍ବ ଚାଳକଙ୍କୁ ସନ୍ଦେହ କରି ତାଙ୍କ ବିରୋଧରେ ଥାନରେ ଅଭିଯୋଗ କରିଛନ୍ତି। ସେ କହିବା କଥା, ପୂର୍ବରୁ ତାଙ୍କର ଯିଏ ଚାଳକ ଥିଲେ ତାଙ୍କୁ ବର୍ଷେ ହେବ ବାହାର କରି ଦେଇଥିଲେ। ସେ ନିଶାସକ୍ତ ରହୁଥିବାରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ସେ ବି ଶୁକ୍ରବାର ଘର ପାଖରେ ବୁଲୁଥିବାର ସେ ଦେଖିଛନ୍ତି। ଏ କାମ ଜଣକଙ୍କର ହୋଇପାରିବନି। ସେନ୍ସର ଗାଡିକୁ ଚୋରାଇବାକୁ ହେଲେ ଟେକନିସିଆନଙ୍କ ଆବଶ୍ୟକତା ରହିଛି। ଟେକ୍ନିକାଲ ପିଲା ନହେଲେ ଚୋରି କରିପାରିବେ ନାହିଁ। ତେଣୁ ଗାଡି ଚୋରି ପାଇଁ ନିହାତି ଏକ ଗ୍ୟାଙ୍ଗ କାମ କରୁଛି। ଏହାସହ ଆଗକୁ ପାର୍ବଣ ଆସୁଥିବାରୁ ରାଜଧାନୀରେ ଗାଡି ଚୋରଙ୍କର ଆବିର୍ଭାବ ହେଲାଣି ବୋଲି କୁହାଯାଉଛି। ଅନ୍ୟପଟେ ପୋଲିସ ସମସ୍ତ ସିସିଟିଭି ଫୁଟେଜକୁ ଆଧାର କରି ଚୋରକୁ ଧରିବାକୁ ତଦନ୍ତ ଆରମ୍ଭ କରିଛି।

# ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ,୫।୯(ନିପ୍ର): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସମାଜସେବୀ, ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରବକ୍ତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପବିତ୍ର ଗୁରୁଦିବସ ଅବସରରେ କଟକ ଦୟା ଆଶ୍ରମ ରୋଡ୍‌ସ୍ଥିତ ୱାର୍ଡ ନମ୍ବର ୯ରେ ଉନ୍ମୋଚିତ ହୋଇଛି। ଏହି ଐତିହାସିକ ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତା, ସମାଜସେବୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗାନ୍ଧୀବାଦୀ ଚିନ୍ତକ, ଯୁବ ଓ ଛାତ୍ର ପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଚୌଧୁରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ଗାନ୍ଧୀବାଦୀ ଚିନ୍ତକ ତଥା ସମାଜର ପୂର୍ବତନ ସମ୍ପାଦକ ଡ. ସତ୍ୟ ରାୟ, ପୂର୍ବତନ



ମନ୍ତ୍ରୀ ଶଶୀଭୂଷଣ ବେହେରା ପ୍ରଫେସର ସତ୍ୟକାମ ମିଶ୍ର, ଡ. ବିଶ୍ୱଜିତ ପ୍ରହ୍ଲାଦ ସିଂହ, ଅତିରିକ୍ତ କମିଶନର ସୋନା ଟୁଡୁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧକ୍ଷା, ମୋନାଲିସା ଦାସ,ପ୍ରଳୟ ବେହେରା ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ପ୍ରଫେସର ରବି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବକ୍ତାମାନେ ନବକୃଷ୍ଣ ଚୌଧୁରୀଙ୍କ ଜୀବନ, ଆଦର୍ଶ, ତ୍ୟାଗ, ନିଷ୍ଠା ଓ ଗାନ୍ଧୀବାଦୀ ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ନବକୃଷ୍ଣ ଚୌଧୁରୀ କେବଳ ଜଣେ ରାଜନେତା ନଥିଲେ; ସେ ଥିଲେ ଜଣେ ନିଷ୍ଠାବାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଓ ଗରିବ, ଦଳିତ ଓ ଅବହେଳିତ ଲୋକଙ୍କ ଅଧିକାର ପାଇଁ ସମର୍ପିତ ଜନନେତା ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଗାନ୍ଧୀ ପରିବାର ପକ୍ଷରୁ ମିହିର ପ୍ରତାପ ଦାସଙ୍କ ସମେତ ବାଜିରାଉତ ପରିବାର ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ କର୍ପୋରେଟର ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଫ୍ଲାଟ୍ ଆଳରେ ୧୫ କୋଟି ଠକେଇ

# ରିୟଲ ଇଷ୍ଟେଟ୍ କମ୍ପାନୀର ପୂର୍ବ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୫।୯(ନି.ପ୍ର): ଫ୍ଲାଟ୍ ଦେବାକୁ କହି ୧୫ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରିୟଲ ଇଷ୍ଟେଷ୍ଟ କମ୍ପାନୀ ଏମ/ଏସ୍ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ ଲିମିଟେଡର ପୂର୍ବତନ ନିର୍ଦ୍ଦେଶକଙ୍କୁ ଶନିବାର ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ପ୍ରମୋଦ କୁମାର ସାହୁ। ପ୍ରମୋଦଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ୨୦୨୩ ମସିହାରେ କମ୍ପାନୀର ଏମଡି ଜ୍ୟୋତିରଞ୍ଜନ ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଇଓଡବ୍ଲ୍ୟୁ ପକ୍ଷରୁ ଜାରି ପ୍ରେସ ରିଲିଜରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଳାପାଟଣା ଅଞ୍ଚଳରେ ଉଟୋପିଆ ପ୍ରୋଜେକ୍ଟରେ ଘର ଦେବାକୁ କହି ୨୦୧୬ରୁ ୧୩୦ଜଣ ଗ୍ରାହକଙ୍କ ଠାରୁ ୧୫କୋଟିରୁ ଅଧିକ ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ କରିଥିଲେ। ଏଥିପାଇଁ ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ୩୦ ମାସରେ ଫ୍ଲାଟ୍ ଦେବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫% ଟଙ୍କା ଦେଇ ଦେଇଥିଲେ ମଧ୍ୟ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲା। ଏପରିକି ଦୀର୍ଘଦିନ ହେବ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇ ଗ୍ରାହକଙ୍କୁ ଭୁଆଁ ବୁଲାଯାଇଥିଲା। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ଇଓଡବ୍ଲ୍ୟୁରେ ୨୦୨୩ରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ୨୦୨୩ ମେ ୧ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରମୋଦଙ୍କ ଏସବିଆଇ ବ୍ୟାଙ୍କ ଆକାଉଣ୍ଟକୁ କମ୍ପାନୀର ଆକାଉଣ୍ଟରୁ ୧୬ ଲକ୍ଷ ୫୧ ହଜାର ୪୦୦ ଟଙ୍କା ଯାଇଥିବା ତଦନ୍ତବେଳେ ଜଣାପଡିଛି ବୋଲି ଇଓଡବ୍ଲ୍ୟୁ କହିଛି।

# ପୁବାଶାସନ ଓ ସେଲ୍ଫି ପଏଣ୍ଟଠାରେ ପୃଥକ୍ ପୃଥକ୍ ଦୁର୍ଘଟଣା

ପିପିଲି,୫।୯(ନିପ୍ର): ଶନିବାର ପୂର୍ବାହ୍ନ ସମୟରେ ଜାତୀୟ ରାଜପଥ ପୁବାଶାସନ ଛକ ଓ ପିପିଲି ସେଲ୍ଫି ପଏଣ୍ଟ ଠାରେ ଦୁଇଟି ଦୁର୍ଘଟଣା ଘଟିଛି । ଏଥିରେ ୩ ଜଣ ଆହତ ହୋଇ ଥିବା ସୂଚନା ମିଳିଥିବା ବେଳେ ୫/୭ ଜଣ ବ୍ୟକ୍ତି ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ ପୂର୍ବାହ୍ନ ସମୟରେ ଏକ ନାଲି ରଙ୍ଗର କାର୍ ଭୁବନେଶ୍ୱରରୁ ବାହାରି ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବେଳେ ପୁବାଶାସନ ଛକଠାରେ ନିଜର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ୪/୫ ଗୋଟି ବାଇକ ଉପରେ ଚଢି ଯାଇଥିଲା ।



ପରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଏହି ଦୁର୍ଘଟଣା ସମୟରେ ୫/୭ ଜଣ ବ୍ୟକ୍ତି ଠିଆ ହୋଇଥିବା ବେଳେ ସେମାନେ ସାଇଟ ହୋଇଯାଇଥିଲେ । ଯଦି ସାଇଟ ହୋଇ ନଥାନ୍ତେ, ତେବେ ସେମାନଙ୍କର ଅକାଳରେ ବିୟୋଗ ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସ୍ଥାନୀୟ ଲୋକେ ପହଞ୍ଚି କାର ଭିତରୁ ଜଣେ ମହିଳାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ସେହିଭଳି ପିପିଲି ସେଲ୍ଫି ପଏଣ୍ଟଠାରେ ଏକ ବାଇକ ଦୁର୍ଘଟଣା ଘଟି ଦୁଇ ଜଣ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି ।

# ସେପ୍ଟେମ୍ବର ୧୪ରୁ 'ଜଙ୍କିଆ ପଲ୍ଲୀ ଉତ୍ସବ-୨୦୨୬'

ନିରାକାରପୁର,୫।୯(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ବାଲିଗାଡ଼ିଆ ବାସନ୍ତୀ କ୍ଲବ ପଡ଼ିଆଠାରେ 'ଓଁ ଶ୍ରୀ ଗ୍ରୁପ୍' ତରଫରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଗଣେଶ ପୂଜା ଅବସରରେ 'ଜଙ୍କିଆ ପଲ୍ଲୀ ଉତ୍ସବ-୨୦୨୬' ଆୟୋଜିତ ହେବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ଧରି ଏହି ପଲ୍ଲୀ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ରୂପାୟନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସରକାରୀ ନିୟମାବଳୀ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ କିପରି ସୁଚାରୁରୂପେ ପରିଚାଳନା କରାଯିବ।ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ୭ ଦିନିଆ ପଲ୍ଲୀ ଉତ୍ସବରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଆକର୍ଷଣୀୟ ବ୍ୟବସ୍ଥା କରାଯାଉଛି। ରାମଦୋଳି, ଡ୍ରାଗନ ଦୋଳି, ବ୍ରେକ ଡ୍ୟାନ୍ସ, ସାନପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ଏବଂ ସରକାରୀ-ବେସରକାରୀ ଷ୍ଟଲ, ଘରୋଇ ଉପକରଣ ଓ ଭିନ୍ନ ଭିନ୍ନ ସାମଗ୍ରୀର ସଜ୍ଜିତ ଦୋକାନ ବଜାର ମାନ ଖୋଲା ରହିବ। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କଳା ପ୍ରଦର୍ଶନ କରା ଏହି ପଲ୍ଲୀ ଉତ୍ସବକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ କମିଟି ତରଫରୁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଥିବା ପ୍ରକାଶ କରାଯାଇଛି।

# ପେପର୍ ଲିକ୍ ପରେ ସିପିଏସ୍ ପରୀକ୍ଷା କେବେ ସରକାରଙ୍କୁ ନବୀନଙ୍କ ପ୍ରଶ୍ନ

ଭୁବନେଶ୍ୱର,୫।୯(ନିପ୍ର): ଗୋଟିଏ ପଟେ ୧୩ତମ ବ୍ୟାଚ୍‌ର ୩୩୬ ଜଣ ସବ୍-ଇନ୍ସପେକ୍ଟର୍ ଦୁଇ ବର୍ଷର ପ୍ରଶିକ୍ଷଣ ଶେଷ କରି ଓଡ଼ିଶା ପୋଲିସରେ ଯୋଗ ଦେଇଥିବା ବେଳେ, ଅନ୍ୟପଟେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ହଜାର ହଜାର ଯୁବକ-ଯୁବତୀ ଏବେ ବି ଅନିଶ୍ଚିତତାରେ ରହିଛନ୍ତି। ଏହାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କମ୍ବାଇନ୍ଡ ପୋଲିସ୍ ସର୍ଭିସ୍ ପରୀକ୍ଷା କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ନବୀନ କହିଛନ୍ତି ଶୁକ୍ରବାର ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଅନୁଷ୍ଠିତ ୧୩ତମ ବ୍ୟାଚ୍ ଏସ୍ ଆଇ ଅଧିକାରୀଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଲାମୀ ଗ୍ରହଣ କରିଥିଲେ। ତେବେ ଏହି ନିଯୁକ୍ତି ପ୍ରକ୍ରିୟା ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଦର୍ଶାଇ ନବୀନ କହିଛନ୍ତି ଯେ, କିଛି ନ କରି ମିଛ ଶ୍ରେୟ ନେବାକୁ ବିଜେପି ସରକାର ଆଗରେ ରହିଛି। ୨୦୨୫ରେ ପ୍ରଶ୍ନପତ୍ର ଲିକ୍ କାରଣରୁ ବାତିଲ ହୋଇଥିବା କମ୍ବାଇନ୍ଡ ପୋଲିସ ସର୍ଭିସ୍ ପରୀକ୍ଷା କେବେ ପୁନଃ ଆୟୋଜିତ ହେବ, ସରକାର ତାହା ସ୍ପଷ୍ଟ କରିବା ଆବଶ୍ୟକ। ଏଥିସହ ପ୍ରଶ୍ନପତ୍ର ବିକ୍ରି ଓ ଲିକ୍ ରାକେଟରେ ସମ୍ପୃକ୍ତ ଦୋଷୀଙ୍କୁ କେବେ କଠୋର ଦଣ୍ଡ ମିଳିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ପରୀକ୍ଷା ବିଳମ୍ବ ଯୋଗୁଁ ହଜାର ହଜାର ଆଶାୟୀଙ୍କ ପ୍ରାୟ ଏକ ବର୍ଷ ସମୟ ନଷ୍ଟ ହୋଇଥିବା ଅଭିଯୋଗ କରି ନବୀନ ତୁରନ୍ତ ପରୀକ୍ଷା ପୁନଃ ଆୟୋଜନ ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବି କରିଛନ୍ତି। ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ନିରପେକ୍ଷତା ପ୍ରତି ଯୁବସମାଜର ଭରସା ଫେରାଇବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି। ଓଡ଼ିଶାବାସୀ ବିଜେପି ସରକାରର ମିଛ ଭାଷଣ ଶୁଣିବାକୁ ଆଉ ଚାହୁଁ ନାହାନ୍ତି, ପ୍ରତାରଣାର ଉଚିତ ଜବାବ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ନବୀନ।

# ଫ୍ଲାଏଓଭରରୁ ଖସି ଯୁବକ ମୃତ

ଭୁବନେଶ୍ୱର,୫।୯(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ବ୍ୟସ୍ତବହୁଳ ରସୁଲଗଡ଼ ଫ୍ଲାଏଓଭର୍ ଉପରେ ଅଘଟଣ ଘଟି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ବ୍ରିଜର ସେଫ୍ଟି ୱାଲରେ ପିଟି ହୋଇ ବାଇକ୍ ଆରୋହୀ ଜଣଙ୍କ ତଳକୁ ଖସି ପଡ଼ିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପିସିଆର୍ ଭ୍ୟାନରେ ପୋଲିସ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲା। କ୍ୟାପିଟାଲ୍ ହସ୍ପିଟାଲରେ ପହଞ୍ଚିବା ପରେ ବାଇକ୍ ଆରୋହୀଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ ବାଇକ୍ ଆରୋହୀଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ନମ୍ବର ଓଆର୦୭ଏଲ୧୦୨୪ ଅନୁସାରେ, ମୃତକ ଜଣଙ୍କ ଗଞ୍ଜାମ ଜିଲ୍ଲାର ବୋଲି ଅନୁମାନ କରାଯାଉଛି। ବାଇକ୍ ଆରୋହୀ ଜଣଙ୍କ ହିରୋ ହୋଣ୍ଡା ଗାଡ଼ିରେ ହଂସପାଳ ପଟୁ ବାଣୀବିହାର ଆଡ଼କୁ ଯାଉଥିଲେ। ରସୁଲଗଡ଼ ଫ୍ଲାଏଓଭର୍ ସରିବାର କିଛି ବାଟ ପୂର୍ବରୁ ବାଇକ୍ ବ୍ରିଜର ୱାଲରେ ପିଟି ହୋଇଥିଲା। ଫଳରେ ବାଇକ୍ ଆରୋହୀ ଜଣଙ୍କ ବ୍ରିଜ୍ ଉପରୁ ପ୍ରାୟ ୨୬ ଫୁଟ୍ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣା ପରେ ଫ୍ଲାଏଓଭର୍ ତଳେ ଜାମ୍ ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ମଞ୍ଚେଶ୍ୱର ଓ ସହିଦନଗର ଥାନା ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା।

### ଓଡ଼ିଆ ନାବିକ ନିଖୋଜ ମାମଲା

# ସହିଦନଗର ଥାନାରେ ମାମଲା ରୁଜୁ ହେଲା

ଭୁବନେଶ୍ୱର, ,୫।୯(ନି.ପ୍ର): ମଝି ଦରିଆରୁ ଓଡିଆ ନାବିକ ସାର୍ଥକ ମହାପାତ୍ର ନିଖୋଜ ଘଟଣାକୁ ନେଇ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ସହିଦ ନଗର ଥାନାରେ ସାର୍ଥକଙ୍କ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଛି। ଫେବୃଆରୀ ୩ରୁ ଏମଭିଇଏ ଜର୍ସି ଜାହାଜରୁ ମର୍ଚ୍ଚାଣ୍ଟ ନେଭି କ୍ୟାଡେଟ ସାର୍ଥକ ମହାପାତ୍ର ନିଖୋଜ ଅଛନ୍ତି। ଏତଲା ପଂଜୀକୃତ ହେବା ପରେ ସହିଦ ନଗର ଥାନା ପୋଲିସ୍ ମାମଲାର ସମ୍ବେଦନଶୀଳତାକୁ ବୁଝି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ କମ୍ପାନୀର ଅଧିକାରୀ, ଜାହାଜର କ୍ୟାପଟେନ୍, ଚିଫ୍ ଅଫିସର ଏବଂ ଜାହାଜରେ ଉପସ୍ଥିତ ଅନ୍ୟ କ୍ରୁ ସଦସ୍ୟଙ୍କ ଭୂମିକା ନେଇ ସାର୍ଥକଙ୍କ ପରିବାର ତଦନ୍ତ ଦାବି କରିଛନ୍ତି। ସାର୍ଥକଙ୍କ ମୋବାଇଲ୍ କେଉଁଠି ? ଜାହାଜର ସିସିଟିଭି ଫୁଟେଜରେ କଣ ରହିଛି। ତାଙ୍କ କ୍ୟାବିନକୁ ତୁରନ୍ତ ସିଲ୍ କରାଯାଇଥିଲା କି ନାହିଁ ? ଏହାସହ ଅନ୍ୟ ଇଲେକ୍ଟ୍ରୋନିକ୍ ପ୍ରମାଣକୁ ମଧ୍ୟ ପରିବାର ଓ ପୋଲିସ୍ ଆଗରେ ରଖିବାକୁ ଏତଲାରେ ପରସିବାର ଲୋକ ଦର୍ଶାଇଛନ୍ତି। ଜାହାଜଟି ସିଙ୍ଗାପୁରରୁ ଚୀନ୍ ଅଭିମୁଖେ ଯାଉଥିବା ନେଇ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି।ତେଣୁ ସମୁଦ୍ର ମଝିରେ ସାର୍ଥକଙ୍କ ସହ କଣ ଘଟିଥିଲା ? ସେ କେଉଁଠି ଅଛନ୍ତି ? ଏହା ଦୁର୍ଘଟଣା, ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି ? ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ବିଭିନ୍ନ ସ୍ଥାନରେ ଗୁରୁଦିବସ

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କଲେ ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା,୫।୯(ନି.ପ୍ର.): ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଦ୍ୟାଳୟର କୃତୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରି ୨୦୩୬ ମସିହା ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସଫଳ କରାଇବାକୁ ନିବେଦନ କରିଥିଲେ । ନିମାପଡ଼ା କଲେଜ ପରିସରରେ ଆୟୋଜିତ ଉତ୍ସବରେ ଶ୍ରୀମତି ପରିଡ଼ା ୨୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ଉତ୍ତରୀୟ ପ୍ରଦାନ କରି ଛାତ୍ରମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, କଲେଜ ଅଧ୍ୟକ୍ଷ ଡ଼ଃ ରାଜ କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇ ଗୁରୁ ଦିବସରେ ଗୁରୁଙ୍କୁ ସମ୍ବର୍ଦ୍ଧନା ଏକ ଉଚ୍ଚ ପରମ୍ପରା ବୋଲି ଅଭିହିତ କରିବା ସହିତ ଆଗାମୀ ଦିନରେ ଉତ୍ତମ ଶିକ୍ଷକଙ୍କୁ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଥିଲା ।




# ଗୁରୁଙ୍କ ପ୍ରତି ଛାତ୍ରଛାତ୍ରୀଙ୍କ ଭକ୍ତିପୂତ ପ୍ରଣାମ

କାକଟପୁର,୫।୯(ନିପ୍ର): କାକଟପୁର ବ୍ଲକ ଅଧୀନସ୍ଥ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଶନିବାର ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁ-ଶିଷ୍ୟ ପରମ୍ପରାର ମହନୀୟତାକୁ ସ୍ମରଣ କରି ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଏହି ଦିବସକୁ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳନ କରିଥିଲେ। ସକାଳୁ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ଏହି ଅବସରରେ ଗୁରୁଙ୍କ ମହତ୍ତ୍ୱ, ଶିକ୍ଷାଦାନର ଭୂମିକା ଓ ଛାତ୍ର ଜୀବନରେ ଶିକ୍ଷକଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନିଜ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମିଠା ଖୁଆଇବା ସହ ଉପହାର ସ୍ୱରୂପ କଲମ ପ୍ରଦାନ କରିଥିଲେ। ଗୁରୁଙ୍କ ପାଦସ୍ପର୍ଶ କରି ଆଶୀର୍ବାଦ ନେବା ସହ ଶିକ୍ଷକମାନଙ୍କ ପ୍ରତି ନିଜର ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିଥିଲେ।

# ଗୁରୁଜୀଙ୍କୁ ସମ୍ମାନିତ କଲେ ପୁରାତନ ଛାତ୍ର



ହିଞ୍ଜିଳିକାଟୁ,୫।୯(ନିପ୍ର): ପବିତ୍ର ଗୁରୁ ଦିବସ ପାଳନର ତାତ୍ପର୍ଯ୍ୟ ଓ ଗୁରୁ-ଶିଷ୍ୟ ପରମ୍ପରାର ଅତୁଟ ସମ୍ପର୍କକୁ ଜୀବନ୍ତ ରଖିଛନ୍ତି ଗଞ୍ଜାମ ଜିଲ୍ଲା ଜାମୁନୀ ସ୍ଥିତ ଅଶୋକ ହାଇସ୍କୁଲର ୧୯୯୨ ବ୍ୟାଚ୍‌ର ପୂର୍ବତନ ଛାତ୍ରମାନେ। ଏହି ଅବସରରେ ପୂର୍ବତନ ଛାତ୍ରମାନେ ସେମାନଙ୍କ ପ୍ରିୟ ଶିକ୍ଷକ ସୀମାଞ୍ଚଳ ସାମଲ,ଦଣ୍ଡପାଣି ସାବତ, ରାଘବ ଚନ୍ଦ୍ର ତ୍ରିପାଠୀ, ଅରକ୍ଷିତ ପାଣିଗ୍ରାହୀ ଓ ପଞ୍ଚାନନ ପାଣିଗ୍ରାହୀଙ୍କ ଶିକ୍ଷାଦାନ ଶୈଳୀ ଓ ଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ସମୟୋଚିତ ଅବଦାନକୁ ସ୍ମରଣ କରି ଉପହାର ଓ ସମ୍ମାନ ପ୍ରଦାନ କରି ସମ୍ମାନିତ କରିଥିଲେ। ଗୁରୁଙ୍କ ପ୍ରତି ଶିଷ୍ୟର ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତାର ଏହି ପରମ୍ପରା ଆଗାମୀ ପିଢ଼ି ପାଇଁ ଏକ ଉଦାହରଣ ବୋଲି ବର୍ଷିୟାନ୍ ଗୁରୁମାନେ ସନ୍ତୋଷ ପ୍ରକାଶ କରିଥିଲେ। ସନ୍ତୋଷ କୁମାର ସାବତଙ୍କ ସମେତ ବହୁ ପୁରାତନ ଛାତ୍ର ଗୁରୁ ପୂଜନ ଉତ୍ସବରେ ସାମିଲ ହୋଇଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ

ନିରାକାରପୁର,୫।୯(ନିପ୍ର: ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଜୟନ୍ତୀ ତଥା ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ପ୍ରମୁଖ କୋଚିଂ ସେଣ୍ଟର ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଗୁରୁ-ଶିଷ୍ୟ ପରମ୍ପରା ଏବଂ ଗୁରୁ ଦିବସର ମାହାତ୍ମ୍ୟକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଚାଣକ୍ୟ ଟ୍ୟୁଟୋରିଆଲ: ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ଦିବସର ମହାତ୍ମ୍ୟ ଆଲୋଚନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସନ୍ମାର୍ଗରେ ଚାଲିବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ଯାଜ୍ଞସେନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Dhamnagar dtd on 01.09.2026, I SK Sayad Fazal S/o SK Abdul Wahab At-Mustafapur, Po-Dobal, Ps-Dhamnagar, Dist-Bhadrak, Pin-756117 do hereby declare that I have changed the name of my son's name from MD Anus to SK Mohammad Anas. Henceforth he will be knonwn as SK Mohammad Anas for all purposes.

"Sd/- SK Sayad Fazal

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ